## ଓଡିଶା ସରକାର

# ବାର୍ଷିକ କାର୍ଯ୍ୟାବଳୀ

## ୨୦୦୮-୨୦୦୯

## ଯୋଜନା ଓ ସମନ୍ୱୟ ବିଭାଗ

# ଯୋଜନା ଓ ସମନ୍ୱୟ ବିଭାଗ କାର୍ଯ୍ୟାବଳୀ ୨୦୦୮-୨୦୦୯

**1.1** ରାଜ୍ୟ ଉନ୍ନୟନ କାର୍ଯ୍ୟକୁ କ୍ରମଶଃ ଅଗ୍ରାଧିକାର ଦିଆଯିବା ହେତୁ ଯୋଜନା ଓ ସମନ୍ୱୟ ବିଭାଗ ଏକ ମୁଖ୍ୟବିଭାଗରେ ପରିଣତ ହୋଇଛି । ରାଜ୍ୟର ସାମୂହିକ ବିକାଶ ପାଇଁ ଫଳପ୍ରଦ ତଥା ପୋଷଣୀୟ ପନ୍ଥା ନିର୍ଦ୍ଧାରଣରେ ସର୍ବୋପରି ଉଭୟ ଦୀର୍ଘ ମିଆଦି ଓ ସ୍ୱଳ୍ପମିଆଦି ଉନ୍ନୟନ ରୂପରେଖ ପ୍ରସ୍ତୁତିକ୍ଷେତ୍ରରେ ଏହି ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ବିଭାଗ ରାଜ୍ୟର ବିକାଶ ପାଇଁ ନୀତି ଭିତ୍ତିଭୂମି ପ୍ରସ୍ତୁତ କରିବା ସହ ବିଭିନ୍ନ ବିଭାଗର ଉନ୍ନୟନ ପ୍ରଚେଷ୍ଟାରେ ସମନ୍ୱୟ ସ୍ଥାପନ କରିଥାଏ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ଆବଶ୍ୟକତା, ଆଶା ଆକାଙ୍କ୍ଷା ସର୍ବୋପରି ରାଜ୍ୟର ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ଯୋଜନା କମିଶନ୍ ଏବଂ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ବିଭାଗ ରାଜ୍ୟର ବାର୍ଷିକ ଯୋଜନା ଓ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ କରିଥାଏ ।

**1.2** ଏହି ବିଭାଗ ଯୋଜନା ଆଭିମୁଖ୍ୟର ପୂର୍ଣ୍ଣ ରୂପାୟନ ନିମନ୍ତେ ସମ୍ବଳର ଉପଯୁକ୍ତ ବିନିଯୋଗ ଏବଂ ଯୋଜନାକୁ ବାସ୍ତବଧର୍ମୀ କରିବାପାଇଁ ଯୋଜନା କାର୍ଯ୍ୟକ୍ରମଗୁଡିକର ନିୟମିତ ତଦାରଖ ଓ ପର୍ଯ୍ୟାଲେଚନା କରିଥାଏ ।

**1.3** ଯୋଜନା ଓ ସମନ୍ୱୟ ବିଭାଗ ଆଞ୍ଚଳିକ ଉନ୍ନୟନ ଓ ଯୋଜନାର ବିକେନ୍ଦ୍ରୀକରଣକୁ ପ୍ରୋତ୍ସାହିତକରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଯୋଜନାର ରୂପରେଖ ନିର୍ଦ୍ଧାରଣ କରିଥାଏ । ଯୋଜନାର ବିକେନ୍ଦ୍ରୀକରଣ କରିବା ପାଇଁ ଏବଂ ଉନ୍ନୟନରେ ପଛୁଆ ଥିବା ଅଞ୍ଚଳ ଗୁଡିକରେ ତ୍ୱରାନ୍ୱିତ ବିକାଶ ଆଣିବା ପାଇଁ ଅନେକଗୁଡିଏ ପଦକ୍ଷେପ ନିଆଯାଇଛି । ପଶ୍ଚିମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରାଯାଇଛି । ଏଥିସହିତ କେ.ବି.କେ. ଅଞ୍ଚଳ କୁହାଯାଉଥିବା ଅବିଭକ୍ତ କୋରାପୁଟ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ଉନ୍ନୟନପାଇଁ ଏକ ଦୀର୍ଘମିଅମାଦି ଯୋଜନା ଏହି ବିଭାଗ କାର୍ଯ୍ୟକାରୀ କରୁଅଛି । ଏହି ବିଭାଗ ମଧ୍ୟ ବିଶେଷ ଯୋଜନାର କାର୍ଯ୍ୟକାରିତା ଓ ସୁପରିଚାଳନା ଉପରେ ନଜର ରଖିଥାଏ । ରାଜ୍ୟ ସରକାର ଏକାଦଶ ପଞ୍ଚବାର୍ଷିକ ଯୋଜନା ଅବଧିରେ ଆରମ୍ଭ କରାଯାଇଥିବା ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (BRGF)କାର୍ଯ୍ୟକ୍ରମରେ ଛାଡି ହୋଇଯାଇଥିବା ଗୁରୁତର ଉନ୍ନୟନ ତାରତମ୍ୟକୁ ସୁଧାରିବା ପାଇଁ ୮ ଗୋଟି କେ.ବି.କେ. ଜିଲ୍ଲାପାଇଁ " ବିଜୁ କେ.ବି.କେ ଯୋଜନା" ନାମରେ ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି । ଏତଦ୍‌ବ୍ୟତୀତ ରାଜ୍ୟର ସବୁ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟି ଗଠନ କରାଯାଇଛି । ଦାରିଦ୍ର୍ୟ ଏବଂ ମାନବ ବିକାଶର ସୂଚକର ସମିକ୍ଷା କରିବା ପାଇଁ ରାଜ୍ୟରେ ଏକ "ଦାରିଦ୍ର୍ୟ ଏବଂ ମାନବ ବିକାଶ ପର୍ଯ୍ୟାଲୋଚନା ସଂସ୍ଥା" (PHDMA) ମଧ୍ୟ ସ୍ଥାପିତ ହୋଇଛି ।

**1.4** ଏହି ବିଭାଗ ରାଜ୍ୟରେ କର୍ମ ନିଯୁକ୍ତି ଓ ବେକାର ସମସ୍ୟାର ପର୍ଯ୍ୟାଲୋଚନାକରିବା ସଙ୍ଗେ ସଙ୍ଗେ ନୂତନ କର୍ମ ନିଯୁକ୍ତି ସୃଷ୍ଟି ତଥା ବେକାରୀ ସମସ୍ୟା ହ୍ରାସପାଇଁ ଉପଯୁକ୍ତ ନୀତି ନିର୍ଦ୍ଧାରଣ କରିଥାଏ । ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟିକରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

**1.5** ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ମାଧ୍ୟମରେ ଏହି ବିଭାଗ ବିଭିନ୍ନ ଉନ୍ନୟନ ଓ ତଦ୍ ସମ୍ବନ୍ଧୀୟ କାର୍ଯ୍ୟର ତଥ୍ୟ ସଂଗ୍ରହ, ଏହାର ସମିଶ୍ରଣ ତଥା ବିଶ୍ଳେଷଣ କାର୍ଯ୍ୟ କରିଥାଏ ।

**1.6** ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରିବା ମଧ୍ୟ ଏହି ବିଭାଗର ଦାୟିତ୍ୱ । ବିଗଭାଗୀୟ ସଚିବମାନଙ୍କର ନିୟମିତ ଆଲୋଚନା ସଭା ଏହି ବିଭାଗଦ୍ୱାରା ସଂଗଠିତ ହୋଇଥାଏ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ସମୀକ୍ଷା ସଭା ମାଧ୍ୟମରେ ସମସ୍ତ ଜିଲ୍ଲାଗୁଡିକର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷାକରିବା ହେଉଛି ଯୋଜନା ଓ ସମନ୍ୱୟ ବିଭାଗର ଅନ୍ୟତମ ପ୍ରମୁଖ କାର୍ଯ୍ୟ । ଉକ୍ତ ସଭାର ନିଷ୍ପତ୍ତିଗୁଡିକୁ, ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ତତ୍ ସଂକ୍ରାନ୍ତୀୟ ଅନୁପାଳନ ରିପୋର୍ଟ ପ୍ରେରଣ ନିମନ୍ତେ ସଂପୃକ୍ତ ବିଭାଗଗୁଡିକୁ ପଠାଇ ଦିଆଯାଇଥାଏ । ଏ ସମ୍ବନ୍ଧୀୟ ଅନୁପାଳନ ରିପୋର୍ଟ ସଂପୃକ୍ତ ବିଭାଗରୁ ପାଇବାପରେ ତାହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଏ ।

**1.7** ଏହି ବିଭାଗ ସଚିବ ଓ ବିଭାଗୀୟ ମୁଖ୍ୟମାନଙ୍କର ଗସ୍ତ ବିବରଣୀ ତଥା ଜିଲ୍ଲାପାଳମାନଙ୍କର ପାକ୍ଷିକ ଗୁପ୍ତତଥ୍ୟ ବିବରଣୀକୁ ପର୍ଯ୍ୟାଲୋଚନା କରିଥାଏ । ସେହିପରି ସଚିବ ତଥା ବରିଷ୍ଠ ଅଧିକାରୀମାନଙ୍କ ପ୍ରତିମାସର ବିଭିନ୍ନ ଜିଲ୍ଲା ଗସ୍ତ ବିବରଣୀର ପର୍ଯ୍ୟାଲେଚନା ଏବଂ ସେମାନଙ୍କର ଗସ୍ତ ବିବରଣୀରେ ପ୍ରତିଫଳିତ ପ୍ରସ୍ତାବଗୁଡିକ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥାଏ ।

**1.8** ଏହି ବିଭାଗ ମଧ୍ୟ ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାପାଇଁ ବିଭିନ୍ନ ନୀତିନିୟମ ନିର୍ଦ୍ଧାରଣ କରିଥାଏ ।

## 2. ରାଜ୍ୟ ଯୋଜନା

ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୧୨) ଓ ବାର୍ଷିକ ଯୋଜନା (୨୦୦୮-୦୯) ର ଅଗ୍ରଗତି

2.1 ରାଜ୍ୟ ପାଇଁ ଏକାଦଶ ପଞ୍ଚବାର୍ଷିକ ଯୋଜନା. ଜାତୀୟ ଉନ୍ନୟନ ପରିଷଦଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସର୍ବାଭିମୁଖୀ ଅଭିବୃଦ୍ଧି ମାଧ୍ୟମରେ ଆଞ୍ଚଳିକ, ସାମାଜିକ ତଥା ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଆଭିମୁଖ୍ୟ ନେଇ ପ୍ରସ୍ତୁତ କରାଯାଇଅଛି । ଏହି ଯୋଜନା ପାଇଁ ରାଜ୍ୟ ଅର୍ଥନିତୀର ସାମର୍ଥ୍ୟକୁ ଭିତ୍ତିକରି ବାର୍ଷିକ ଶତକଡା ୯ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବା ଉଦ୍ଦେଶ୍ୟରେ ୩୨,୨୨୫ କୋଟି ଟଙ୍କାର ଅଟକଳ ଯୋଜନା ଆୟୋଗଙ୍କୁ ପ୍ରସ୍ତାବ କରାଯାଇଅଛି ।

2.2 ଆର୍ଥିକ ବର୍ଷ ୨୦୦୮-୦୯ ପାଇଁ ଯୋଜନା କଟକଳ ୭,୫୦୦ କୋଟି ଟଙ୍କାରେ ସ୍ଥିର କରାଯାଇଛି । ଏହି ଅନୁମୋଦିତ ଅର୍ଥ ରାଶିରୁ ଗତ ନଭେମ୍ବର, ୨୦୦୮ ସୁଦ୍ଧା ମୋଟ ୨,୯୩୮.୪୮ କୋଟି ଖର୍ଚ୍ଚ ହୋଇଅଛି ।

**ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା**

2.3 ୨୦୦୮-୦୯ ବାର୍ଷିକ ଯୋଜନା ପାଇଁ ଭାରତ ସରକାରଙ୍କର ଯୋଜନା ଆୟୋଗ ୧୯ଟି ପ୍ରକଳ୍ପ ପାଇଁ ୧୦୦.୦୦ କୋଟି ଟଙ୍କାର ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି । ୧୦୦.୦୦ କୋଟି ଟଙ୍କା ମଧ୍ୟରୁ ଅଦ୍ୟାବଧି ଯୋଜନା ଆୟୋଗ ୧୩ଟି ପ୍ରକଳ୍ପ ନିମିତ୍ତ ୮୯.୬୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ ଅର୍ଥ ଖର୍ଚ୍ଚ କରିବାକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡିକର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି ।

2.4 ଏକକାଳୀନ ମିଳୁଥିବା ଅତିରିକ୍ତ କେନ୍ଦ୍ରୀୟ ସହାୟତା ବ୍ୟତୀତ ଯୋଜନା ଆୟୋଗ ଚଳିତ ଆର୍ଥିକ ବର୍ଷରେ ଓଡିଶା ମଧ୍ୟଦେଇ ଯାଇଥିବା ବିଜୟୱାଡା-ରାଞ୍ଚି ଜାତୀୟ ରାଜପଥର ଉନ୍ନତିକରଣ ନିମନ୍ତେ ୧୦୦.୦୦ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଧ୍ୟ ମଞ୍ଜୁର କରିଛନ୍ତି ।

**ଗ୍ରାମ୍ୟଭିତ୍ତି ସଂରଚନା ପାଣ୍ଠି (RIDF)**

2.5 ଗ୍ରାମ୍ୟଭିତ୍ତି ସଂରଚନା ପାଣ୍ଠି (RIDF) ଯୋଜନାରେ ନାବାର୍ଡ ବିଭିନ୍ନ ଜିଲ୍ଲାରେ ଭିତ୍ତିଭୂମି ନିର୍ମାଣ ପାଇଁ ଋଣ ସହାୟତା ଯୋଗାଇଥାନ୍ତି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭ ୧୯୯୫-୧୯୯୬ ମସିହାରୁ ହୋଇଅଛି । ଏହି ଯୋଜନାଟି ବିଭିନ୍ନ ତ୍ରୟୋବାର୍ଷିକ ସୋପାନରେ କାର୍ଯ୍ୟକାରୀ ହୋଇଥାଏ । ଅଦ୍ୟାବଧି ତ୍ରୟୋବାର୍ଷିକ ସୋପାନ I ରୁ XIV ମଧ୍ୟରେ ୯୭,୩୫୯ଟି ପ୍ରକଳ୍ପ ନିମନ୍ତେ ୩,୯୩୧.୪୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରୀପ୍ରାପ୍ତ ହୋଇଛି । ଚଳିତ ସୋପାନ XIV ରେ ରାଜ୍ୟ

ସରକାର ସମୁଦାୟ ୩୭୯୪୦ଟି ପ୍ରକଳ୍ପ ପାଇଁ ୨,୧୬୧.୩୯ କୋଟି ଟଙ୍କାର ନାବାର୍ଡ ଋଣ ସହାୟତା ଚାହିଁଛନ୍ତି । ଏଥିରେ ୩୫,୦୦୦ଟି ଗଭୀର ନଳକୂପ / ନଳକୂପ ଏବଂ ୧୨୪୬ଟି BKVY ପ୍ରକଳ୍ପ ଅନ୍ତର୍ଭୁକ୍ତ । ଅଦ୍ୟାବଧି ନାବାର୍ଡ କର୍ତ୍ତୃପକ୍ଷ ୨୯,୨୪୩ଟି ପ୍ରକଳ୍ପ ନିମିତ୍ତ ୬୮୦.୯୧ କୋଟି ଟଙ୍କାର ଋଣ ମଞ୍ଜୁର କରିଛନ୍ତି ।

## 3. ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ

3.1 ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ଅଧୀନରେ କାର୍ଯ୍ୟ କରୁଅଛି । ମୁଖ୍ୟ ଦପ୍ତର ୩ ଗୋଟି ଆଞ୍ଚଳିକ କାର୍ଯ୍ୟାଳୟ ଓ ୨୭ ଗୋଟି ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ ମାଧ୍ୟମରେ ଏହା ବିଭିନ୍ନ ପରିସଂଖ୍ୟାନ ତଥ୍ୟ ସଂଗ୍ରହ କରିଆସୁଅଛି । ଏତଦ୍ ବ୍ୟତୀତ ଏହି ନିର୍ଦ୍ଦେଶାଳୟ ଅଧୀନରେ ଏକ ଆଞ୍ଚଳିକ ପ୍ରଶିକ୍ଷଣ ତାଲିମ ଅନୁଷ୍ଠାନ ଅଛି ଏବଂ ଏହାଦ୍ୱାରା ରାଜ୍ୟର ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟ ଓ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ କାର୍ଯ୍ୟାଳୟ ମାନଙ୍କରେ ଥିବା ପରିସଂଖ୍ୟାନ କର୍ମଚାରୀ ମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଥାଏ । ନିର୍ଦ୍ଦେଶାଳୟର ୨୦୦୮-୨୦୦୯ ବର୍ଷର ସାଫଲ୍ୟ ଓ ୨୦୦୯-୨୦୧୦ ବର୍ଷର କାର୍ଯ୍ୟକ୍ରମ ଲକ୍ଷ୍ୟର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

## କୃଷି ପରିସଂଖ୍ୟାନ ( EARAS)

3.2 ଭାରତ ସରକାରଙ୍କ ଶତକଡା ୧୦୦ ଭାଗ ଆର୍ଥିକ ସହାୟତାରେ ଏହି କାର୍ଯ୍ୟକ୍ରମ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ୧୯୭୬-୭୭ ମସିହାରୁ ଚାଲୁଅଛି । ଏହି କାର୍ଯ୍ୟକ୍ରମ ର ମୂଖ୍ୟ ଉଦ୍ଦେଶ୍ୟ ହେଲା, ବ୍ଲକ ସ୍ତରରେ ରାଜ୍ୟର ଧାନ ପରି ଏକ ମୁଖ୍ୟ ଫସଲର କ୍ଷେତ୍ରଫଳ, ଉତ୍ପାଦନ ହାରର ଅଟକଳ ନିର୍ଣ୍ଣୟ କରିବା ଓ ଜିଲ୍ଲା ସ୍ତରରେ ଅନ୍ୟ ୧୨ ଗୋଟି ଗୌଣ ଫସଲର ଅଟକଳ ପ୍ରସ୍ତୁତ କରିବା । ଏହି ସର୍ଭେର ତଥ୍ୟାବଳୀକୁ ଆଧାରକରି ପ୍ରସ୍ତୁତ କରାଯାଇଥିବା ଅଟକଳକୁ କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ତଥ୍ୟ ରୂପେ ଗ୍ରହଣ କରନ୍ତି । ୨୦୦୮-୦୯ ମସିହାରେ ରାଜ୍ୟରେ ଭୋଦେଇ ଓ ଶାରଦ ଋତୁରେ ୧୦୦୨୯ ଲେଖାଏଁ ନମୁନାର ଜମି ବିନିଯୋଗ ସର୍ଭେକାର୍ଯ୍ୟ ଶେଷ ହୋଇଅଛି । ଗ୍ରୀଷ୍ମ ଋତୁ ପାଇଁ ମଧ୍ୟ ଏହା କରାଯିବ । ଭୋଦେଇ ଋତୁରେ ଧାନ ଓ ଗୌଣ ଫସଲର ୧୬୧୬୪ଟି ଶସ୍ୟକଟା ପରୀକ୍ଷା ସମାପନ ହୋଇଅଛି । ଶାରଦ ଋତୁରେ କ୍ଷେତ୍ର ସର୍ଭେକ୍ଷଣ କାର୍ଯ୍ୟ ଚାଲିଅଛି । ୨୦୦୮-୨୦୦୯ ର ଭୋଦେଇ ଋତୁ ଫସଲର କ୍ଷେତ୍ରଫଳ ଓ ଉତ୍ପାଦନ ହାର ଅଟକଳ କରାଯାଇ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଅଛି ।

3.3 ୨୦୦୮-୦୯ ବର୍ଷର ଶାରଦ ଋତୁର କ୍ଷେତ୍ର ସର୍ଭେକ୍ଷଣ କାର୍ଯ୍ୟ ଫେବୃୟାରୀ୨୦୦୯ ପର୍ଯ୍ୟନ୍ତ ଚାଲୁରହିବ । ଉକ୍ତ ବର୍ଷର ଧାନ ଓ ଅନ୍ୟାନ୍ୟ ଗୌଣ ଫସଲର ୫୬୦୦୦ ଗୋଟି ଶସ୍ୟକାଟ ପରୀକ୍ଷା ୧୦.୦୦୦ ଗୋଟି ନମୁନା ଗ୍ରାମରେ ସର୍ଭେ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

## ଶସ୍ୟ ପରିସଂଖ୍ୟାନ ଉନ୍ନତିକରଣ

3.4 ଏହି କାର୍ଯ୍ୟକ୍ରମ ରାଜ୍ୟରେ ୧୯୭୬-୭୭ ବର୍ଷଠାରୁ କାର୍ଯ୍ୟକାରୀ ହେଉଅଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁଗ୍ମ ଉଦ୍ୟମରେ କୃଷି ପରିସଂଖ୍ୟାନ ଯୋଜନାର କାର୍ଯ୍ୟକାରୀତାରେ ରହୁଥିବା ଅଭାବର ଅନୁସନ୍ଧାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ।

3.5 ୨୦୦୮-୦୯ ବର୍ଷରେ ଭୋଦେଇ ଋତୁର ଶସ୍ୟ ପରିସଂଖ୍ୟାନ ଉନ୍ନତିକରଣ କାର୍ଯ୍ୟକ୍ରମରେ ପୂରଣ ହୋଇଥିବା ଅନୁସୂଚୀ ଗୁଡିକ ଜାତୀୟ ନମୁନା ସର୍ଭେସଂସ୍ଥା ଫରିଦାବାଦଙ୍କ ନିକଟକୁ ପ୍ରେରଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଶାରଦ ଋତୁ କାର୍ଯ୍ୟ ଚାଲିରହିଅଛି ଏବଂ ରବି ଋତୁ ପାଇଁ ସର୍ଭେକାର୍ଯ୍ୟ ମାର୍ଚ୍ଚ ୨୦୦୯ ଠାରୁ ଏବଂ ଖରିଫ ୨୦୦୯-୧୦ ପାଇଁ ଜୁଲାଇ ୨୦୦୯ରେ ଆରମ୍ଭ ହେବ ।

## ଫଳ ଓ ପନିପରିବା ସର୍ଭେ

3.6 କେନ୍ଦ୍ର ସରକାରଙ୍କ ଶତ ପ୍ରତିଶତ ଅନୁଦାନରେ ଏହି କାର୍ଯ୍ୟକ୍ରମଟି କାର୍ଯ୍ୟକାରୀ ହେଉଅଛି । ଏଥିରେ କେତେକ ନିର୍ବାଚିତ ଫଳ ପନିପରିବା ମସଲା ଯଥା: କଦଳୀ, ଆମ୍ବ, କୋବି, ଟମାଟ, ହଳଦି, ପିଆଜ ପ୍ରଭୃତି ଶସ୍ୟର କ୍ଷେତ୍ରଫଳ ଓ ଉତ୍ପାଦନ ହାର ନିର୍ଣ୍ଣୟ କରାଯାଇଥାଏ ।

3.7 ୨୦୦୮-୦୯ କୃଷି ବର୍ଷର ଫଳ ଓ ପନିପରିବା ସର୍ଭେକ୍ଷଣରେ ଭୋଦେଇ ଋତୁପାଇଁ ଜମି ବିନିଯୋଗ ଓ ଉତ୍ପାଦନ ଆକଳନ ସର୍ଭେ କାର୍ଯ୍ୟ ସମାପ୍ତ ହୋଇଅଛି । ୨୦୦୭-୦୮ ବର୍ଷର ଫଳ ଓ ପନିପରିବାର କ୍ଷେତ୍ରଫଳ ଉତ୍ପାଦନ ହାରର ଅଟକଳ ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କ ନିକଟକୁ ପଠାଯାଇଅଛି ।

3.8 ୨୦୦୯-୧୦ ବର୍ଷରେ ଏହି ସର୍ଭେକାର୍ଯ୍ୟ ଚାଲୁରହିବ । ୨୦୦୯-୧୦ ବର୍ଷରେ ଫଳପାଇଁ ୧୮୦୦ଟି ନମୁନା ଓ ପନି ପରିବାପାଇଁ ୩୪୮୦ଟି ନମୁନାର ଶସ୍ୟ କାଟ ପରୀକ୍ଷା କରିବା ପାଇଁ ଧାର୍ଯ୍ୟ କରାଯାଇଅଛି ।

## କ୍ଷୁଦ୍ର ଜଳସେଚନ ପରିସଂଖ୍ୟାନର ସୁବ୍ୟବସ୍ଥା କରଣ

3.9 କ୍ଷୁଦ୍ର ଜଳ ସେଚନ ପରିସଂଖ୍ୟାନ ସୁବ୍ୟବସ୍ଥା କରଣ ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା । ଏହି ଯୋଜନା ଅନୁଯାୟୀ ରାଜ୍ୟରେ ସମ୍ପୂର୍ଣ୍ଣ ହୋଇଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ସଂଖ୍ୟା, ସୃଷ୍ଟି ହୋଇଥିବା ସେଚିତ ଚାଷ ଜମିର ପରିମାଣ ଓ ଜଳ ସେଚିତ ଜମିର ପ୍ରକୃତବ୍ୟବହାର ଇତ୍ୟାଦିର ତ୍ରୟମାସିକ ଓ ବାର୍ଷିକ ବିବରଣୀ କେନ୍ଦ୍ର ସରକାଙ୍କର ଜଳ ସଂପଦ ମନ୍ତ୍ରଣାଳୟକୁ ପଠାଯାଏ ।

3.10 ରାଜ୍ୟର କ୍ଷୁଦ୍ର ଜଳସେଚନ ସମ୍ବନ୍ଧୀୟ ତଥ୍ୟର ମାର୍ଚ୍ଚ, ୨୦୦୮ ଓ ଜୁନ୍, ୨୦୦୮ ପର୍ଯ୍ୟନ୍ତର ତ୍ରୟମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କର ଜଳ ସଂପଦବିଭାଗକୁ ପଠାଯାଇଅଛି । ୨୦୦୯-୧୦ ବର୍ଷରେ ପ୍ରତି ତ୍ରୟମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୪ର୍ଥ କ୍ଷୁଦ୍ର ଜଳସେଚନ ଗଣନା ରାଜ୍ୟରେ ଆରମ୍ଭ ହୋଇଅଛି । ୨୦୦୮-୦୯ ବର୍ଷରେ ଉକ୍ତ ଗଣନା କାର୍ଯ୍ୟ ସମସ୍ତ ଜିଲ୍ଲା ଗୁଡିକରେ ସମ୍ପାଦନା କରାଯାଇଅଛି । ଏପର୍ଯ୍ୟନ୍ତ ରାଜ୍ୟର ୫୦୧୪୨ ଗୋଟି ରାଜସ୍ୱ ଗ୍ରାମରେ ଉକ୍ତ ଗଣନା ଶେଷ ହୋଇଅଛି । ଏହି ତଥ୍ୟର କମ୍ପ୍ୟୁଟିକରଣ ସମାପ୍ତ କରି, ତନଖି ହୋଇଥିବା ତଥ୍ୟ ଡିସେମ୍ବର, 2009 ଶେଷ ସୁଦ୍ଧା ଭାରତ ସରକାରଙ୍କୁ ପଠାଇବା ପାଇଁ ସ୍ଥିର କରାଯାଇଛି ।

## କୃଷିଶ୍ରମ ମଜୁରୀ

3.11 କୃଷିଶ୍ରମ ମଜୁରୀ ଓ କୃଷି ଉତ୍ପାଦନରେ ନିୟୋଜିତ କେତେକ ଦ୍ରବ୍ୟ ମୂଲ୍ୟର ମାସିକ ବିବରଣୀ ରାଜ୍ୟର ୮୯ ଗୋଟି କେନ୍ଦ୍ରରୁ ସଂଗ୍ରହ କରାଯାଇ ଏହାର ଏକତ୍ରି କରଣ ପରେ ମାସିକ ବିବରଣୀ ପ୍ରସ୍ତୁତ ହୋଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଏ । ୨୦୦୮-୦୯ ବର୍ଷରେ ରାଜ୍ୟର ୮୯ଗୋଟି କେନ୍ଦ୍ରରୁ କୃଷିଶ୍ରମ ମଜୁରୀର ସଂଗୃହିତ ତଥ୍ୟ ଏକତ୍ରି କରଣ ପରେ ଅକ୍ଟୋବର ୨୦୦୮ ପର୍ଯ୍ୟନ୍ତ ପ୍ରଗତି ବିବରଣୀରେ ଲିପିବଦ୍ଧ କରାଯାଇ ଭାରତ ସରକାରଙ୍କ ନିକଟକୁ ପଠାଯାଇଅଛି । ଉପରୋକ୍ତ କାର୍ଯ୍ୟ ୨୦୦୯-୧୦ ମସିହାରେ ଚାଲୁରହିବ ।

## ବଜେଟ୍ ବିଶ୍ଳେଷଣ

3.12 ଓଡିଶା ସରକାରଙ୍କ ବଜେଟ ଅନୁଧ୍ୟାନ ଓ ବିଶ୍ଳେଷଣ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । 2008-09 ବର୍ଷ ପାଇଁ ରାଜ୍ୟ ବଜେଟର ଅର୍ଥନୈତିକ ଓ ଲକ୍ଷ୍ୟ ସମ୍ବନ୍ଧୀୟ ଶ୍ରେଣୀ ବିନ୍ୟାସ ବିବରଣୀର ଏକ ପୁସ୍ତିକା ୨୦୦୬-୦୭ ବର୍ଷର ବାସ୍ତବ, 2007-08 ବର୍ଷର ସଂଶୋଧିତ ଏବଂ 2008-09 ବର୍ଷର

ଅଟକଳର ସମିକ୍ଷା ଚୁଡାନ୍ତ କରାଯାଇ କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥାକୁ ପଠାଯାଇଛି । ରାଜ୍ୟ ବଜେଟ୍ 2006-07 ର ବିଶ୍ଲେଷଣ ପୁସ୍ତିକା ପ୍ରକାଶିତ ହୋଇସାରିଛି ।୨୦୦୯-୧୦ ବର୍ଷରେ ରାଜ୍ୟ ବଜେଟ୍ 2007-08 ପାଇଁ ଅନୁରୂପ ପୁସ୍ତିକା ପ୍ରକାଶିତ ହେବ ।

## ରାଜ୍ୟ ଆୟ ଆକଳନ

3.13 ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଗବେଷଣା, ଯୋଜନା ଓ ନୀତି ନିର୍ଦ୍ଧାରଣର ଆବଶ୍ୟକତା ପାଇଁ ରାଜ୍ୟ ଘରୋଇ ଉତ୍ପାଦନ ଓ ମୁଣ୍ଡପିଛା ରାଜ୍ୟ ଆୟ (ଉଭୟ ଚଳିତ ଓ ସ୍ଥିର ମୂଲ୍ୟରେ) ପ୍ରତ୍ୟେକ ବର୍ଷର ସଂଶୋଧିତ, ଅସ୍ଥାୟୀ ଓ କ୍ଷିପ୍ର ଅଟକଳର ପ୍ରସ୍ତୁତି କରଣ । ୨୦୦୪-୦୫ ବର୍ଷ ପାଇଁ ସଂଶୋଧିତ ଅଟକଳ, 2005-06 ବର୍ଷପାଇଁ ଅସ୍ଥାୟୀ ଅଟକଳ 2006-07 ବର୍ଷ ପାଇଁ କ୍ଷିପ୍ର ଅଟକଳ ଏବଂ 2007-08 ବର୍ଷ ପାଇଁ ଆଗୁଆ ଅଟକଳ ପ୍ରସ୍ତୁତ ହୋଇସାରିଛି ।

3.14 ୨୦୦୯-୧୦ ବର୍ଷରେ ୨୦୦୬-୦୭ ବର୍ଷ ପାଇଁ ରାଜ୍ୟ ଆୟର ସଂଶୋଧିତ ଅଟକଳ, ୨୦୦୭-୦୮ ବର୍ଷ ଅସ୍ଥାୟୀ ଅଟକଳ, ୨୦୦୮-୦୯ ବର୍ଷପାଇଁ କ୍ଷିପ୍ର ଅଟକଳର ଏବଂ 2009-10 ବର୍ଷ ପାଇଁ ଆଗୁଆ ଅଟକଳ କରାଯିବ ।

## ପୁଞ୍ଜି ଗଠନ ସମିକ୍ଷା

3.15 ନିର୍ଦ୍ଦେଶାଳୟର ଏହି କାର୍ଯ୍ୟକ୍ରମଟିରେ ଉଭୟ ସରକାରୀ ଓ ଘରୋଇ ଉଦ୍ୟୋଗ ପାଇଁ ଶିଳ୍ପ ଭିତ୍ତିଭୂମି ଅନୁଯାଇ ଓଡିଶାର ମାସଗ୍ରିକ ସ୍ଥିର ପୁଞ୍ଜି ଗଠନ ଅଟକଳ ପ୍ରସ୍ତୁତି କରାଯାଏ ।

3.16 ସରକାରୀ ଉଦ୍ୟୋଗ ପାଇଁ ଚଳିତ ମୂଲ୍ୟ ସୂଚୀରେ 2005-06 ବର୍ଷର ସାମଗ୍ରିକ ପୁଞ୍ଜି ଗଠନ ଅଟକଳ ପ୍ରସ୍ତୁତ ହୋଇ ଅନୁମୋଦନ ଲାଭ କରିଅଛି । ୨୦୦୯-୧୦ ବର୍ଷରେ ପରବର୍ତ୍ତି ବର୍ଷଗୁଡିକ ପାଇଁ ଏଭଳି ଅଟକଳ ପ୍ରସ୍ତୁତି କାର୍ଯ୍ୟ କରାଯିବ ।

## ଜାତୀୟ ନମୁନା ସର୍ବେକ୍ଷଣ (NSS)

3.17 ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ୧୯୫୮-୫୯ ମସିହାରୁ ଜାତୀୟ, ନମୁନା ସର୍ବେକ୍ଷଣ **(NSS)** କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ ଅଟେ । ଏହି ସର୍ବେକ୍ଷଣର ବିଭିନ୍ନ ପରିକ୍ରମାରେ ଜାତୀୟ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସମ୍ବନ୍ଧୀୟ ତଥ୍ୟାବଳୀମାନ ସଂଗୃହିତ ହୋଇଆସୁଅଛି ।

3.18 ୨୦୦୮-୦୯ ବର୍ଷରେ ୬୪ତମ ପରିକ୍ରମା ସର୍ଭେ କାର୍ଯ୍ୟ ଶେଷ ହୋଇ ଓ ୬୫ ତମ ପରିକ୍ରମାର ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟରେ ରାଜ୍ୟ ପାଇଁ ଉଦ୍ଦିଷ୍ଟ ଥିବା ୨୪୪ଟି ନମୁନା ଗ୍ରାମରେ (ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ) ସର୍ଭେ କାର୍ଯ୍ୟ ସମାପ୍ତ ହୋଇଅଛି । ୨୦୦୯-୧୦ ବର୍ଷରେ ୬୬ତମ ଜାତୀୟ ନମୁନା ସର୍ଭେକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ।

## ଗ୍ରାମ୍ୟ ସୂଚୀପତ୍ର

3.19 ଗ୍ରାମ୍ୟ ସୂଚୀପତ୍ର କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଗ୍ରାମ ମାନଙ୍କରେ ଭିତ୍ତିଭୂମିର ଓ ସୁବିଧା ସୁଯୋଗ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଏ । ପଞ୍ଚମ ପର୍ଯ୍ୟାୟ ଗ୍ରାମ ସୂଚୀପତ୍ର ସର୍ବେକ୍ଷଣରେ ରାଜ୍ୟର ୬,୨୦୬ ଗୋଟି ଗ୍ରାମ ପଞ୍ଚାୟତର ୫୦,୮୫୫ ଗୋଟି ଗ୍ରାମର ସର୍ବେକ୍ଷଣ ଚାଲୁରହିଛି । ୨୦୦୯-୧୦ ବର୍ଷରେ ଏହି ସର୍ବେକ୍ଷଣ କାର୍ଯ୍ୟ ସମାପ୍ତ ହୋଇ ରିପୋର୍ଟ ପ୍ରସ୍ତୁତ ହେବ ।

## ଦରଦାମ୍ ପର୍ଯ୍ୟବ୍ୟକ୍ଷଣ

3.20 ଏହି କାର୍ଯ୍ୟକ୍ରମରେ ରାଜ୍ୟର ଦରଦାମ୍ ସୂଚକ ପ୍ରସ୍ତୁତି ନିମନ୍ତେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ଖୁଚୁରା ତଥା ପାଇକାରୀ ଦରଦାମ ତଥ୍ୟ ସଂଗ୍ରହ କରାଯାଇଥାଏ । ତ୍ରୈମାସିକ ଦରଦାମ ଇସ୍ତାହାର ମାର୍ଚ୍ଚ ୨୦୦୮ ପର୍ଯ୍ୟନ୍ତ ପ୍ରକାଶିତ ହୋଇଅଛି । ଏହି ପ୍ରକାଶନ କାର୍ଯ୍ୟ ୨୦୦୯-୧୦ ବର୍ଷରେ ଚାଲୁ ରହିବ ।

## ଅର୍ଥନୀତି ସର୍ବେକ୍ଷଣ

3.21 ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ୨୦୦୮-୦୯ ପ୍ରସ୍ତୁତ କରାଯାଉଅଛି ଏବଂ ଏହା ୨୦୦୯ ରେ ଓଡିଶା ବିଧାନ ସଭା ବଜେଟ ଅଧିବେସନରେ ଉପସ୍ଥାପନ କରାଯିବ । ୨୦୦୯-୧୦ ବର୍ଷପାଇଁ ଏହି ଭଳି ଉପରୋକ୍ତ ରିପୋର୍ଟ ବିଧାନ ସଭାର ୨୦୧୦ ବର୍ଷରେ ହେବାକୁଥିବା ବଜେଟ ଅଧିବେସନରେ ଉପସ୍ଥାପନ କରାଯିବ ।

## ପୌର ସଂସ୍ଥା ପରିସଂଖ୍ୟାନ

3.22 ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗର ଏହି ଉପ ବିଭାଗଟି ରାଜ୍ୟରେ ଥିବା ୧୦୩ଟି ପୌର ସଂସ୍ଥାରୁ ବିଭିନ୍ନ ତଥ୍ୟ ସଂଗ୍ରହ ପୂର୍ବକ ଏହି ତଥ୍ୟକୁ ଆଧାର କରି ପୌର ପରିସଂଖ୍ୟାନ ପୁସ୍ତିକା ପ୍ରକାଶନ କରିଥାଏ । ପୌରପରିସଂଖ୍ୟାନ ପୁସ୍ତିକା ୨୦୦୨-୦୩, ୨୦୦୩-୦୪ ଓ ୨୦୦୪-୦୫

ବର୍ଷର ୯ମ ସଂସ୍କରଣ ପ୍ରକାଶନ ହୋଇଅଛି । ୨୦୦୯-୧୦ ବର୍ଷରେ ଏହାର ୧୦ମ ସଂସ୍କରଣ ପ୍ରସ୍ତୁତି କାର୍ଯ୍ୟ କରାଯାଇ ପ୍ରକାଶନ ହେବ ।

## ଶ୍ରମଜିବୀ ପରିସଂଖ୍ୟାନ

3.23 ଶ୍ରମଜିବୀ ପାରିଶ୍ରମିକ ଅଧିନିୟମ ୧୯୨୩ର ବ୍ୟବସ୍ଥା ଅନୁଯାୟୀ ୨୦୦୭ ମସିହା ପାଇଁ ଆବଶ୍ୟକୀୟ ବିବରଣୀ ଭାରତ ସରକାରଙ୍କର ସିମିଳାସ୍ଥିତ ଶ୍ରମସଂସ୍ଥାକୁ ପ୍ରେରଣ କରାଯାଇଅଛି । ୨୦୦୮ ବର୍ଷ ପାଇଁ ଉପରୋକ୍ତ କାର୍ଯ୍ୟ ୨୦୦୯-୧୦ ବର୍ଷରେ କରାଯିବ ।

## କର୍ମଚାରୀ ଗଣନା

3.24 ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର ୧୯୬୭ ମସିହା ଠାରୁ ନିୟମିତ ବ୍ୟବଧାନରେ କର୍ମଚାରୀ ଗଣନା ରିପୋର୍ଟ ପ୍ରକାଶନ କରିଆସୁଅଛି । ଏହିପରି ଛଅଗୋଟି ରିପୋର୍ଟ ପ୍ରକାଶିତ ହୋଇସାରିଛି । ଏହାର ମୂଳ ଲକ୍ଷ୍ୟ ହେଲା ରାଜ୍ୟ ସରକାରୀ ସଂସ୍ଥା, ପୌରସଂସ୍ଥା ଏବଂ ସରକାରୀ ଉଦ୍ୟୋଗ ଗୁଡିକରେ କର୍ମଚାରୀ ସଂଖ୍ୟା ଆକଳନ ତଥା କର୍ମଚାରୀ ନିଯୁକ୍ତି, ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ବିଷୟରେ ତଥ୍ୟ ସଂଗ୍ରହ ।

3.25 ୭ମ କର୍ମଚାରୀ ଗଣନାର ରିପୋର୍ଟ ପ୍ରକାଶ ପାଇଅଛି ଏବଂ ୮ମ କର୍ମଚାରୀ ଗଣନା କାର୍ଯ୍ୟ ଚାଲିଅଛି । ଏହି କାର୍ଯ୍ୟ 2009ରେ ଚାଲୁରହିବ ଓ ରିପୋର୍ଟ ପ୍ରକାଶନ ହେବ ।

## ଅନ୍ୟାନ୍ୟ ପ୍ରକାଶନ

3.26 ପ୍ରକାଶନ ଉପବିଭାଗ କୃଷି, ଜନସଂଖ୍ୟା, ଆୟତନ, ଶିଳ୍ପ ତଥା ସାମିଜିକ ଓ ଅର୍ଥନୈତିକ ତଥ୍ୟ ସଂଗ୍ରହ କରି ପ୍ରକାଶନ କରିଥାଏ ।

3.27 2008-09ବର୍ଷରେ ଜିଲ୍ଲା ପରିସଂଖ୍ୟାନ ଅବଲୋକନ ପତ୍ରିକା 2009, 'ଷ୍ଟେଟ୍ସ ଇକୋନମି ଇନ୍ ଫିଗର୍ସ 2007', 'ଷ୍ଟାଟିସ୍କାଲ ଆବ୍ଷ୍ଟ୍ରାକ୍ଟସ ଅଫ୍ ଓଡିଶା ୨୦୦୭' ପ୍ରକାଶିତ ହୋଇଅଛି û2009-10 ରେ ଷ୍ଟାଟିସ୍ଟିକାଲ୍ ଆଉଟ୍ଲାଇନ୍ ଅଫ୍ ଓଡିଶା 2009, ସବୁ ଜିଲ୍ଲା ପାଇଁ ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା 2007 ଏବଂ ଷ୍ଟେଟ ଇକନମି ଇନ୍ ଫିଗର୍ସ-2008' ପ୍ରକାଶନ ନିମିତ୍ତ ଲକ୍ଷ୍ୟ ଧାଯ୍ୟଁ କରାଯାଇଅଛି ।

## ବାର୍ଷିକ ଶିଳ୍ପ ସର୍ବେକ୍ଷଣ

3.28 ଓଡିଶାର ବାର୍ଷିକ ଶିଳ୍ପ ସର୍ବେକ୍ଷଣ କାର୍ଯ୍ୟ ୧୯୬୦ ମସିହାରୁ ଜାତୀୟ ନମୁନା ସର୍ବେକ୍ଷଣ ଅନୁଷ୍ଠାନର ସହଯୋଗରେ ବୈଧାନିକ ପରିସଂଖ୍ୟାନ ସଂଗ୍ରହ ଅଧିନିୟମ ୧୯୫୩ ଅନୁଯାୟୀ ହୋଇଆସୁଅଛି । ଫ୍ୟାକ୍ଟରିସ୍ ଅଧିନିୟମ-୧୯୪୮ ର 2m (i) ଏବଂ 2m (ii) ବ୍ୟବସ୍ଥା ଅନୁଯାୟୀ ରେଜିଷ୍ଟର୍ଡ ହୋଇଥିବା ସମସ୍ତ ଫ୍ୟାକ୍ଟରଜ ପାଇଁ ଏହି ସର୍ବେକ୍ଷଣ ହୋଇଥାଏ । ରାଜ୍ୟ ଆୟରେ ଏହି ଶିଳ୍ପନୁଷ୍ଠାନ ମାନଙ୍କର ଅବଦାନ ନିର୍ଦ୍ଧାରଣ କରିବା ଏବଂ ବିଭିନ୍ନ ଶିଳ୍ପରେ ଶିଳ୍ପଭିତ୍ତିକ ବୃଦ୍ଧିହାର ଆକଳନ କରିବା ଏବଂ ଅନ୍ୟାନ୍ୟ ଶିଳ୍ପ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ଉକ୍ତ ସର୍ବେକ୍ଷଣର ମୁଖ୍ୟ ଲକ୍ଷ୍ୟ ।

## ସର୍ବେକ୍ଷଣର ମୁଖ୍ୟ ଲକ୍ଷ୍ୟ

3.29 ବାର୍ଷିକ ସର୍ବେକ୍ଷଣ ୨୦୦୬-୦୭ ନିମିତ୍ତ ୪୩୫ଟି ରେଜିଷ୍ଟ୍ରି ଭୁକ୍ତ ଶିଳ୍ପାନୁଷ୍ଠାନରୁ ତଥ୍ୟ ସଂଗ୍ରହ କାର୍ଯ୍ୟ କରାଯାଇଅଛି । 2009-10 ବର୍ଷରେ 2007-08 ବର୍ଷ ପାଇଁ ଶିଳ୍ପ ସର୍ବେକ୍ଷଣ ପାଇଁ ତଥ୍ୟ ସଂଗ୍ରହ କରାଯାଇ ତାହାର ତର୍ଜମା କରାଯିବ ।

## ଯୋଜନା ପ୍ରୟୋଗିକ ଅର୍ଥନୀତି ଓ ପରିସଂଖ୍ୟାନ ଆଞ୍ଚଳିକ ପ୍ରଶିକ୍ଷଣ ଶିକ୍ଷାକେନ୍ଦ୍ର

3.30 ଏହି ଆଞ୍ଚଳିକ ତାଲିମ ଅନୁଷ୍ଠାନଟି ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ମୁଖ୍ୟ ଦପ୍ତର ଓ ସରକାରୀ ଉଦ୍ୟୋଗରେ ପରିସଂଖ୍ୟାନ କର୍ମଚାରୀ ମାନଙ୍କୁ ତାଲିମ ଦେଇଥାଏ । ଏହା ଛଡା ସରକାରଙ୍କ ଯୋଜନା ଏବଂ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଥିବା ତାଲିମ ଆବଶ୍ୟକତାକୁ ମଧ୍ୟ ଏହି ସଂସ୍ଥା ପୁରଣ କରିଥାଏ ।

3.31 ୨୦୦୮-୦୯ ବର୍ଷରେ ୨ ଗୋଟି ଉଚ୍ଚ ପ୍ରଶିକ୍ଷଣ ତାଲିମ ଓ ନିର୍ଦ୍ଦେଶାଳୟର ଅଧିକାରୀ ମାନଙ୍କର ୨ ଗୋଟି ବିଭାଗୀୟ ପରିକ୍ଷା ପ୍ରୟୋଗିକ ଅର୍ଥନୀତି ଓ ପରିସଂଖ୍ୟାନ ଆଞ୍ଚଳିକ ଶିକ୍ଷା କେନ୍ଦ୍ର ଦ୍ୱାରା କାର୍ଯ୍ୟକାରୀ ହୋଇଅଛି । ଏତଦ୍ ବ୍ୟତୀତ ଏମ.ଏସ୍.ଓ୍ୱାର୍ଡ, ଏମ୍.ଏସ୍. ଏକ୍ସେଲ୍ ଏବଂ ତଥ୍ୟ ଦରଜର ପ୍ରୟୋଗ ଓ ବ୍ୟବହାର ଉପରେ ଏକ ପ୍ରଶିକ୍ଷଣ ଜିଲ୍ଲା ପରିସଂଖ୍ୟାନ କର୍ମଚାରୀଙ୍କୁ ପ୍ରଦାନ କରାଯାଇଅଛି । ୨୦୦୯-୧୦ ବର୍ଷରେ ଉପରୋକ୍ତ ତାଲିମ ଓ ବିଭାଗୀୟ ପରୀକ୍ଷା କାର୍ଯ୍ୟ ଚାଲୁ ରହିବ ।

## କୃଷି ଗଣନା

3.32 ଏହା ଏକ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକ୍ରମ ଏବଂ ଏହା ପାଞ୍ଚ ବର୍ଷ ବ୍ୟବଧାନରେ ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଅପରେସନାଲ ହୋଲଡିଙ୍ଗ, ଜମିବ୍ୟବହାର, ପଶୁସଂପଦ, କୃଷି ଉପକରଣ ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ।

3.33 ୨୦୦୮-୦୯ ମସିହାରେ ୮ମ କୃଷି ଗଣନାର ଦ୍ୱିତୀୟ ପର୍ଯ୍ୟାୟର କମ୍ପ୍ୟୁଟିକରଣ କାର୍ଯ୍ୟ ଏବଂ ତୃତୀୟ ପର୍ଯ୍ୟାୟର କ୍ଷେତ୍ର କାର୍ଯ୍ୟ ସମାପ୍ତ ହୋଇଅଛି । ୨୦୦୯-୧୦ ବର୍ଷରେ ୨ୟ ଓ ୩ୟ ପର୍ଯ୍ୟାୟର ଫଳାଫଳ ପ୍ରକାଶନ କରାଯିବ ।

## ଅର୍ଥନୀତିକ ଗଣନା

3.34 ଭାରତ ସରକାରଙ୍କ ଆନୁକୁଲ୍ୟରେ ଓଡିଶାରେ ପଞ୍ଚମ ଅର୍ଥନୀତିକ ଗଣନା ଏକ କେନ୍ଦ୍ରିୟ ଯୋଜନାଭାବରେ ୨୦୦୫-୦୬ ବର୍ଷରେ କାର୍ଯ୍ୟକାରୀ କରାଯାଇଅଛି । ରାଜ୍ୟର ଭୌଗଳିକ ସୀମା ମଧ୍ୟରେ ସମସ୍ତ ଉଦ୍ୟୋଗିକ କାର୍ଯ୍ୟାବଳୀର ସମିକ୍ଷା କରିବା ପଞ୍ଚମ ଅର୍ଥନୀତିକ ଗଣନାର ମୂଳ ଲକ୍ଷ୍ୟ । ପଞ୍ଚମ ଅର୍ଥନୀତିକ ଗଣନାର ଚୂଡାନ୍ତ ସାରଣୀ ଭାରତ ସରକାରଙ୍କ ନିକଟରୁ ପ୍ରାପ୍ତ ହୋଇ ତନଖି କାର୍ଯ୍ୟ ଚାଲିଅଛି । ୨୦୦୯-୧୦ ବର୍ଷରେ ଏହାର ଚୂଡାନ୍ତ ରିପୋର୍ଟ ପ୍ରକାଶିତ ହେବ ।

# 4. କେ.ବି.କେ ଜିଲ୍ଲାଗୁଡିକ ପାଇଁ ଯୋଜନା

## କେ.ବି.କେ ଜିଲ୍ଲା ଗୁଡିକ ସ୍ୱତନ୍ତ୍ର ଯୋଜନା

4.1 କେନ୍ଦ୍ର ସରକାର ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ କେ.ବି.କେ ଜିଲ୍ଲାଗୁଡିକ ନିମନ୍ତେ ସ୍ୱତନ୍ତ୍ର ଯୋଜନା ବାବଦକୁ ବର୍ଷକୁ ୧୩୦ କୋଟି ଟଙ୍କା ହିସାବରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଯୋଗାଇ ଦେବେ । 2008-09 ଆର୍ଥିକ ବର୍ଷ ପାଇଁ 130 କୋଟି ଟଙ୍କାର ବାର୍ଷିକ ଯୋଜନାକୁ ଯୋଜନା ଆୟୋଗ ଅନୁମୋଦନ କରିଛନ୍ତି । କୃଷି, ଜଳସେଚନ, ବନୀକରଣ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ସାମାଜିକ ନିରାପତ୍ତା ବ୍ୟବସ୍ଥା, ଗ୍ରାମ୍ୟ ସଂଯୋଗୀକରଣ ଓ ସରକାରୀ ବାସ ଗୃହ ନିର୍ମାଣ ପରିକଳ୍ପନା/ କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ଉକ୍ତ ଯୋଜନା ଅର୍ଥକୁ ଆବଣ୍ଟିତ କରାଯାଇଛି । 2008 ଡିସେମ୍ବର ମାସ ସୁଦ୍ଧା 130 କୋଟି ମଧ୍ୟରୁ 80.63 କୋଟି ଟଙ୍କା ବିନିଯୋଗ ହୋଇଅଛି ।

4.2 ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ବିଜୁ କେ.ବି.କେ. ଯୋଜନା ମାଧ୍ୟମରେ କେ.ବି.କେ. ଜିଲ୍ଲାଗୁଡିକୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବର୍ଷକୁ 120 କୋଟି ଟଙ୍କା ହିସାବରେ ଯୋଗାଇ ଦେବେ । 2008-09 ଆର୍ଥିକ ବର୍ଷରେ କେ.ବି.କେ. ଜିଲ୍ଲାଗୁଡିକୁ 120 କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ଅର୍ଥ ମୁଖ୍ୟତଃ ବିଜୁଳି (ଗ୍ରାମ୍ୟ ବିଦ୍ୟୁତିକରଣ), ସଡକ (ଗ୍ରାମ୍ୟ ମଧ୍ୟରେ କଂକ୍ରିଟ ରାସ୍ତା ନିର୍ମାଣ) ଓ ପାଣି (ଜଳସେଚନ ଓ ପାନୀୟ ଜଳର ଉତ୍ସ ସୃଷ୍ଟି) ସଂପର୍କୀତ ପ୍ରକଳ୍ପ ଗୁଡିକରେ ବିନିଯୋଗ କରିବା ପାଇଁ ବ୍ୟବସ୍ଥା ହୋଇଛି । 2008-09 ଆର୍ଥିକ ବର୍ଷ ପାଇଁ ସମସ୍ତ କେ.ବି.କେ କାର୍ଯ୍ୟକ୍ରମ ଯୋଜନା ପ୍ରଣୟନ କରାଯାଇ ସଂପୃକ୍ତ ଜିଲ୍ଲା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

## 5. ରାଷ୍ଟ୍ରୀୟ ସମବିକାଶ ଯୋଜନା ଅଧୀନସ୍ଥ ଅନଗ୍ରସର ଜିଲ୍ଲା ପଦକ୍ଷେପ ।

5.1 ଅନଗ୍ରସର ଅଞ୍ଚଳଗୁଡିକର ବୈଷମ୍ୟ ଦୂରୀକରଣ ତଥା ସେହି ଅଞ୍ଚଳ ଗୁଡିକର ଦ୍ରୁତ ବିକାଶର ଲକ୍ଷ୍ୟ ରଖି 2003-04 ଆର୍ଥିକ ବର୍ଷଠାରୁ ପର୍ଯ୍ୟାୟକ୍ରମେ ଗଞ୍ଜାମ, ମୟୁରଭଞ୍ଜ, ଗଜପତି, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାକୁ ରାଷ୍ଟ୍ରୀୟ ସମବିକାଶ ଯୋଜନାର "ଅନଗ୍ରସର ଜିଲ୍ଲା ପଦକ୍ଷେପ" କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଅଛି । ଯୋଜନା ଆୟୋଗଙ୍କ ନିର୍ଦ୍ଧାରିତ ନୀତି ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଜିଲ୍ଲାପାଇଁ ଏକ ସ୍ୱତନ୍ତ୍ର ସମନ୍ୱିତ ତିନି ବର୍ଷିଆ ଯୋଜନା କାର୍ଯ୍ୟକାରୀ ହୋଇ ପ୍ରତିବର୍ଷ ସଂପୃକ୍ତ ଜିଲ୍ଲାକୁ 15 କୋଟି ଟଙ୍କା ସମ୍ପୂର୍ଣ୍ଣ ଅନୁଦାନଭାବେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଦେବାର ବ୍ୟବସ୍ଥା ରହିଛି ।

5.2 ଡିସେମ୍ବର, 2008 ସୁଦ୍ଧା ଉପରୋକ୍ତ ୫ଟି ଜିଲ୍ଲାକୁ କେନ୍ଦ୍ର ସରକାର ମୋଟ 225 କୋଟି କେନ୍ଦ୍ରୀୟ ସହାୟତାକୁ 217 କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । କେନ୍ଦୁଝର ଜିଲ୍ଲାକୁ ଛାଡି ଅନ୍ୟ ସମସ୍ତ ଜିଲ୍ଲା ସେମାନଙ୍କର ପ୍ରାପ୍ୟ ବାବଦକୁ 45 କୋଟି ଟଙ୍କା ହିସାବରେ କେନ୍ଦ୍ରୀୟ ସହାୟତା ପାଇସାରିଛନ୍ତି । ଉକ୍ତ ଅର୍ଥ ବିନିଯୋଗ କରାଯାଇ ମୋଟ 188.69 କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଯୋଜନା ଆୟୋଗଙ୍କୁ ପ୍ରଦାନ କରାଯାଇଛି । ଅନୁରୂପଭାବରେ, ଅନଗ୍ରସର ତାଲିକାଭୁକ୍ତ କନ୍ଧମାଳ ଜିଲ୍ଲା ମଧ୍ୟ ବାର୍ଷିକ 10 କୋଟି ଟଙ୍କାର ଅନ୍ୟଏକ ଅତିରିକ୍ତ କେନ୍ଦ୍ରୀୟ ସହାୟତା ଲାଭ କରିଛି ।

## 6. ନିଯୁକ୍ତି ସୃଷ୍ଟି ପ୍ରଚେଷ୍ଟା

6.1 ରାଜ୍ୟ ସରକାର ବିଭିନ୍ନ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମନିଯୁକ୍ତି ତଥା ତତ୍ ସଂଲଗ୍ନ ମଜୁରୀ ଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି । ଏଥିନିମନ୍ତେ " ରାଜ୍ୟ ନିଯୁକ୍ତି ନୀତି 2005" ପ୍ରଣୟନ କରାଯାଇଛି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ "ଉଚ୍ଚ କ୍ଷମତା ସମ୍ପନ୍ନ ନିଯୁକ୍ତି ମିଶନ" ଗଠନ କରାଯାଇଛି । ପୁନଶ୍ଚ ଓଡିଶା ରାଜ୍ୟ ନିଯୁକ୍ତି ମିଶନ

ସୋସାଇଟି ଫେବୃୟାରୀ, 2006 ରେ ଗଠିତ ହୋଇଛି । ଏହି ସୋସାଇଟି ବସ୍ତୁତଃ ମିଶନ କାର୍ଯ୍ୟକାରୀ ପୂର୍ବକ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେଉଅଛି ।

6.2 ନିଯୁକ୍ତି ମିଶନ ବିଭିନ୍ନ ଉନ୍ନୟନ ବିଭାଗ ସହ ସମନ୍ୱୟ ସ୍ଥାପନ କରି କାର୍ଯ୍ୟକରି ଆସୁଛି ଏବଂ ବିଭିନ୍ନ ସଂସ୍ଥାଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଆତ୍ମନିଯୁକ୍ତି ନିମନ୍ତେ ତାଲିମ୍ କାର୍ଯ୍ୟକ୍ରମପାଇଁ ଅର୍ଥ ବ୍ୟବସ୍ଥା କରୁଅଛି । ଏହାଦ୍ୱାରା ଗ୍ରାମୀଣ ଯୁବକମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି ପାଉଅଛି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶାଳୟ ଜରିଆରେ 8006 ଜଣ ବେକାର ଯୁବକଯୁବତୀଙ୍କୁ ବିଭିନ୍ନ ଧନ୍ଦାମୂଳକ ବିଷୟରେ ଦକ୍ଷତା ବୃଦ୍ଧି ତାଲିମ୍ ପ୍ରଦାନ କରାଯାଉଛି ।ଏହା ବ୍ୟତୀତ ବିଭିନ୍ନ ଉନ୍ନୟନମୂଳକ ବିଭାଗ ଯଥା-ହସ୍ତତନ୍ତ ଓ ବୟନଶିଳ୍ପ, ମହିଳା ଓ ଶିଶୁବିକାଶ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ଏବଂ ପର୍ଯ୍ୟଟନ ପ୍ରଭୃତି ବିଭାଗ ମାଧ୍ୟମରେ 6893 ଜଣ ବେକାର ଯୁବକଯୁବତୀଙ୍କୁ କାର୍ଯ୍ୟଦକ୍ଷତା ବୃଦ୍ଧି ତାଲିମ୍ ପ୍ରଦାନ କରାଯାଉଛି । ପୁନଶ୍ଚ ଅନୁସୂଚିତ ଜାତି ଓ ଜନଜାତିର ସ୍ନାତକ ଯନ୍ତ୍ରୀମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ College of Engineering & Technology ଦ୍ୱାରା ଚଳିତ ବର୍ଷ କାର୍ଯ୍ୟକାରୀ କରାଯାଇଛି । ଏଥିରେ 44 ଜଣ ସ୍ନାତକ ଯନ୍ତ୍ରୀ ତାଲିମ ଗ୍ରହଣ କରୁଛନ୍ତି । ଏତଦ୍ ବ୍ୟତୀତ ରାଜ୍ୟରେ କାର୍ଯ୍ୟକରୁଥିବା ବାଣିଜ୍ୟିକ ବ୍ୟାଙ୍କମାନେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଋଣସହାୟତା ଯୋଗାଇଦେବାରେ ସକ୍ରୀୟ ଅଂଶଗ୍ରହଣ କରିଛନ୍ତି, ଯାହାଦ୍ୱାରା 1,6.755 ଜଣ ବେକାର ଯୁବକଯୁବତୀଙ୍କୁ ଆତ୍ମନିଯୁକ୍ତି ତଥା ତତ୍‌ସଂଲଗ୍ନ ମଜୁରୀଭିତ୍ତିକ ନିଯୁକ୍ତି ସୁଯୋଗ ଦିଆଯାଇପାରିଛି (ନଭେମ୍ବର 2008 ସୁଦ୍ଧା)

6.3 ନିଯୁକ୍ତି ମିଶନ ବ୍ଲକ୍ ସ୍ତରରେ ଆତ୍ମନିଯୁକ୍ତି ପରାମର୍ଶ ମେଳା ଆୟୋଜନ କରି ରାଜ୍ୟରେ ଉପଲବ୍ଧ ଆତ୍ମନିଯୁକ୍ତି ସୁଯୋଗ ସମ୍ବନ୍ଧରେ ବେକାର ଯୁବକଯୁବତୀମାନଙ୍କୁ ପରାମର୍ଶ ଦେଉଅଛି । 2008-09 ବର୍ତ୍ତମାନ ସୁଦ୍ଧା 45,400 ଜଣ ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି ଓ ସେମାନଙ୍କର ଋଣନିମନ୍ତେ ଆବେଦନପତ୍ର ବିଭିନ୍ନ ବ୍ୟାଙ୍କଗୁଡିକୁ ପ୍ରେରଣ କରାଯାଇଛି । BLCC ଓ DCC ସଭାରେ ଏ ଦିଗରେ ବିହିତ ପଦକ୍ଷେପ ନିଆଯାଉଛି । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କପାଇଁ ଏକ ସ୍ୱତନ୍ତ୍ର ଆତ୍ମନିଯୁକ୍ତି ପରାମର୍ଶ ମେଳାର ଆୟୋଜନ କରାଯାଇଛି , ଯେଉଁଥିରେ 1,49.774 ଜଣ ଅଂଶ ଗ୍ରହଣ କରିଥିଲେ ।

6.4 2008-09 ବର୍ଷରେ ରାଜ୍ୟ ସରକାର ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ କମ୍ପ୍ୟୁଟର ଶିକ୍ଷାପ୍ରଦାନ ନିମିତ୍ତ ନିମ୍ନଲିଖିତ ତାଲିମ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି ।

(କ) ୫୫,୦୦୦ଜଣ ମାଟ୍ରିକ୍ ପାସ୍ କରିଥିବା ବେକାର ଯୁବକ ଯୁବତୀଙ୍କୁ ପ୍ରାଥମିକ କମ୍ପ୍ୟୁଟର ତାଲିମ୍ ପ୍ରଦାନ ।

(ଖ) ୭୨,୦୦ ଜଣ ସ୍ନାତକ ଡିଗ୍ରୀଧାରୀ ବେକାର ଯୁବକ ଯୁବତୀଙ୍କୁ ଆନ୍ଧ୍ରପ୍ରଦେଶର ଜବାହରଜ୍ଞାନକେନ୍ଦ୍ର (Jawahar Knowledge centre) ନମୁନାରେ ବିଶେଷକୃତ କମ୍ପ୍ୟୁଟର ତାଲିମ ପ୍ରଦାନ ।

6.5 ମିଶନଦ୍ୱାରା ସମ୍ପାଦିତ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟତୀତ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଥିବା ବିଭାଗ ଗୁଡିକ ୨୦୦୮-୦୯ ବର୍ଷପାଇଁ ବେକାର ଯୁବକଯୁବତୀଙ୍କୁ ଆତ୍ମନିଯୁକ୍ତି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ନଭେମ୍ବର, ୨୦୦୮- ସୁଦ୍ଧା ୧.୫୬ ଲକ୍ଷ ବେକାର ଯୁବକଯୁବତୀଙ୍କୁ ଆତ୍ମନିଯୁକ୍ତି ଦିଆଯାଇ ପାରିଛି ।

6.6 ଆତ୍ମନିଯୁକ୍ତି କାର୍ଯ୍ୟକ୍ରମର ରାଜ୍ୟସ୍ତରୀୟ ପରିଚାଳନା କମିଟି ଆତ୍ମନିଯୁକ୍ତି ତଥା ତତ୍‌ସଂଲଗ୍ନ ମଜୁରୀଭିତ୍ତିକ ସୃଷ୍ଟି ବିଷୟରେ ତ୍ରୟମାସିକ ଭିତ୍ତିରେ ସମୀକ୍ଷା କରୁଛନ୍ତି । ନିଯୁକ୍ତି ମିଶନର କାର୍ଯ୍ୟକ୍ରମ ମଧ୍ୟ ବିଭିନ୍ନ ସ୍ତରରେ ସମୀକ୍ଷା କରାଯାଉଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ ନିଯୁକ୍ତି ମିଶନ ମଧ୍ୟ ଏହାର ସମିକ୍ଷା କରୁଛି ।

## 7. ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠି

7.1 ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କଦ୍ୱାରା ୧୯୯୩-୯୪ ମସିହାରୁ ସାଂସଦମାନଙ୍କଦ୍ୱାରା ସୁପାରିଶ ହୋଇଛି କରାଯାଇଥିବା ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଆରମ୍ଭ ହୋଇଛି । ଏଥିପାଇଁ ଆରମ୍ଭରେ ପ୍ରତି ସାଂସଦଙ୍କୁ ୫ ଲକ୍ଷ ଟଙ୍କା ଅନୁଦାନ ଅନୁଦାନ ଦିଆଯାଉଥିଲା । ୧୯୯୪-୯୫ ରୁ ୧୯୯୭-୯୮ ମଧ୍ୟ ଏହି ଅନୁଦାନ ପ୍ରତି ସାଂସଦଙ୍କପାଇଁ ବାର୍ଷିକ ଏକ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ବର୍ତ୍ତମାନ ଏହି ବାବଦରେ ପ୍ରତି ସାଂସଦଙ୍କୁ ବାର୍ଷିକ ୨ କୋଟି ଟଙ୍କା ମଞ୍ଜୁର କରାଯାଉଛି । ଏହି ପାଣ୍ଠି ସିଧାସଳଖଭାବେ ଜିଲ୍ଲାପାଳଙ୍କ ନିକଟକୁ କେନ୍ଦ୍ର ସରକାରଙ୍କ ପାଖରୁ ଆସିଥାଏ । ଯୋଜନା ଓ ସମନ୍ୱୟ ବିଭାଗ ଏହାର ପଯ୍ୟବେକ୍ଷଣ ଦାୟିତ୍ୱ ବହନ କରୁଛନ୍ତି ।

## 8. ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି

8.1 କେନ୍ଦ୍ର ସରକାରଙ୍କର ସାଂସଦ ଉନ୍ନୟନ ପରିକଳ୍ପନା ଢାଞ୍ଚାରେ ଓଡିଶା ସରକାର ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ପରିକଳ୍ପନା ୧୯୯୭-୯୮ ଆର୍ଥିକ ବର୍ଷରୁ ଆରମ୍ଭ କରିଛନ୍ତି । ଏଥିରେ ବିଧାୟକମାନଙ୍କଦ୍ୱାରା ତାଙ୍କ ନିର୍ବାଚନମଣ୍ଡଳୀପାଇଁ ପ୍ରସ୍ତାବିତ ଉନ୍ନୟନ କାର୍ଯ୍ୟ କାର୍ଯ୍ୟକାରୀ କରାଯାଇଥାଏ । ୧୯୯୭-୯୮ରେ ଏ ବାବଦରେ ନିର୍ବାଚନମଣ୍ଡଳୀ ପ୍ରତି ୫ ଲକ୍ଷ ଟଙ୍କା ହିସାବରେ ୨୩୫ ଲକ୍ଷ ଟଙ୍କା ଜିଲ୍ଲାମାନଙ୍କୁ ଦିଆଯାଇଥିଲା । ଏହି ମଣ୍ଡଳୀ ପ୍ରତି ୭୫ ଲକ୍ଷ ଟଙ୍କା ହିସାବରେ ୧୧୦.୨୫ କୋଟି ଟଙ୍କା ଖର୍ଚ୍ଚ କରାଯାଉଅଛି ।

| ବର୍ଷ | ସମୁଦାୟ ପାଣ୍ଠି | ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଭାଗ |
|---|---|---|
| 1997-98 | Rs.7.35 crore | Rs. 5.00 lakh |
| 1998-99 | Rs. 14.70 crore | Rs. 10.00 lakh |
| 1999-2000 | Rs.22.05 crore | Rs. 15.00 lakh |
| 2000-01 | Rs.36.75 crore | Rs. 25.00 lakh |
| 2001-02 | Rs. 58.80 crore | Rs. 40.00 lakh |
| 2002-03 | Rs.73.50 crore | Rs. 50.00 lakh |
| 2003-04 | Rs.73.50 crore | Rs. 50.00 lakh |
| 2004-05 | Rs. 73.50 crore | Rs. 50.00 lakh |
| 2005-06 | Rs. 73.50 crore | Rs. 50.00 lakh |
| 2006-07 | Rs.110.25 crore | Rs. 75.00 lakh |
| 2007-08 | Rs.110.25 crore | Rs. 75.00 lakh |
| 2008-09 | Rs. 110.25 crore | Rs. 75.00 lakh |

## 9. ସ୍ୱତନ୍ତ୍ର ସମସ୍ୟା ଜନିତ ପାଣ୍ଠି

9.1 ରାଜ ସରକାର ୧୯୯୭-୯୮ ଆର୍ଥିକ ବର୍ଷଠାରୁ ସ୍ୱତନ୍ତ୍ର ସମସ୍ୟା ଜନିତ ପାଣ୍ଠି କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି । କ୍ଷୁଦ୍ର ଏବଂ ସରକାରୀ ସ୍ୱତନ୍ତ୍ର ଧରଣର ସ୍ଥାନୀୟ ପ୍ରକଳ୍ପ ଯାହା ବିନା ପ୍ରଗତି ପ୍ରତିହତ ହେଉଛି , ସେହି ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ଏହି ଯୋଜନା ବଜେଟରେ ଏବାବଦରେ ଅର୍ଥ ବରାଦ କରାଯାଇଥାଏ । ଏହି ଅର୍ଥ "ସ୍ୱତନ୍ତ୍ର ସମସ୍ୟା ଜନିତ ପାଣ୍ଠି ନିୟାମକ ୨୦୦୩" ଅନୁଯାୟୀ ବିଭିନ୍ନ ସ୍ୱତନ୍ତ୍ର ସମସ୍ୟା ଜନିତ ପ୍ରକଳ୍ପ ନିମନ୍ତେ ବ୍ୟୟ କରାଯାଏ । ୧୯୯୭-୯୮ ବର୍ଷଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ଏହି ପାଣ୍ଠିରେ ବ୍ୟୟ ବରାଦ ହୋଇଥିବା ଅର୍ଥର ତାଲିକା ନିମ୍ନରେ ପ୍ରଦାନ କରାଗଲ ।

| ବର୍ଷ | ଅର୍ଥ ଅଟକଳ (ଲକ୍ଷ ଟଙ୍କାରେ) |
|---|---|
| ୧୯୯୭-୧୯୯୮ | ୯୩.୨୭ |
| ୧୯୯୮-୧୯୯୯ | ୧୦୦.୦୦ |
| ୧୯୯୯-୨୦୦୦ | ୧୦୦.୦୦ |
| ୨୦୦୦-୨୦୦୧ | ୨୦୦.୦୦ |
| ୨୦୦୧-୨୦୦୨ | ୩୦୦.୦୦ |
| ୨୦୦୨-୨୦୦୩ | ୧୯୩୦.୦୦ |
| ୨୦୦୩-୨୦୦୪ | ୧୦୦୦.୦୦ |
| ୨୦୦୪-୨୦୦୫ | ୧୦୦୦.୦୦ |
| ୨୦୦୫-୨୦୦୬ | ୧୦୦.୦୦ |
| ୨୦୦୬-୨୦୦୭ | ୧୦୦.୦୦ |
| ୨୦୦୭-୨୦୦୮ | ୫୦୦.୦୦ |
| ୨୦୦୮-୨୦୦୯ | ୪୦୦୦.୦୦ |

## 10. ଯୋଜନା ତଥ୍ୟ

10.1 ଯୋଜନା ଓ ସମନ୍ୱୟ ବିଭାଗରେ ଯୋଜନା ତଥ୍ୟ ପ୍ରକୋଷ୍ଠ, ରାଜ୍ୟ ଯୋଜନା ପ୍ରଣୟନ ପାଇଁ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ମୌଳିକ ତଥ୍ୟ ଯୋଗାଇ ଦେଇଥାଏ । କେତେକ ନିୟମିତ ପ୍ରକାଶନ ଏହି ପ୍ରକୋଷ୍ଠ ଅନ୍ୟାନ୍ୟ ସଭା, କର୍ମଶାଳା ଇତ୍ୟାଦି ପାଇଁ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେଇଥାଏ ।

10.2 ଏହି ପ୍ରକୋଷ୍ଠ 2008-09 ବର୍ଷରେ "ଓଡିଶା ଏକ ଅବଲୋକନ" ପୁସ୍ତିକା ଯାହାକି ରାଜ୍ୟର ରାଷ୍ଟ୍ର ସହିତ ବିଭିନ୍ନ କ୍ଷେତ୍ରରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥାଏ , ତାହାର ନୂତନ ତଥ୍ୟ ସହ ସଂଶୋଧନ କରିଥିଲା । ଏହାଛଡା 8ମ, 9ମ ଏବଂ 10ମ ପଞ୍ଚବାର୍ଷିକ ଯୋଜନାରେ ହୋଇଥିବା ବିଭିନ୍ନ ସଫଳତା ସମ୍ପର୍କୀୟ ପୁସ୍ତିକା ପାଇଁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ, ଏବଂ କମ୍ପ୍ୟୁଟିକରଣ କାର୍ଯ୍ୟ କରାଯାଇସାରିଛି । ଏହା ନିକଟରେ ପ୍ରକାଶିତ ହେବ । ଏହା ଛଡା ପ୍ରକୋଷ୍ଠ ବିଧାନସଭାର ବିଭାଗୀୟ ଷ୍ଟାଡିଂ କମିଟିର ଏବଂ ବାର୍ଷିକ ଯୋଜନାର ପ୍ରସ୍ତୁତି ପାଇଁ ଆବଶ୍ୟକ ତଥ୍ୟ ଯୋଗାଇ ଦେଇଥିଲା ।

## 11. କାର୍ଯ୍ୟକ୍ରମ ମୂଲ୍ୟାୟନ

11.1 ମୂଲ୍ୟାୟନ ପ୍ରକୋଷ୍ଠ ଯୋଜନା ଓ ସମନ୍ୱୟ ବିଭାଗର ସର୍ବ ପୁରାତନ ବୈଷୟିକ ଉପବିଭାଗ । ଏହା ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକ୍ରମର ମୂଲ୍ୟାୟନ କରିଆସୁଅଛି । ମୂଲ୍ୟାୟନ ସମିକ୍ଷା ବିଭିନ୍ନ ଯୋଜନା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ଆଲୋକପାତ କରି ଏହାର ପୁର୍ନବିନ୍ୟାସ କରିବାରେ ସରକାରଙ୍କୁ ସହାୟକ ହୋଇଥାଏ ।

11.2 ଯେହେତୁ ମୂଲ୍ୟାୟନ ପ୍ରକୋଷ୍ଠ ପକ୍ଷରେ ଆବଶ୍ୟକୀୟ ସମସ୍ତ ଯୋଜନା କାର୍ଯ୍ୟକ୍ରମର ମୂଲ୍ୟାୟନ କରିବା ସମ୍ଭବ ନୁହେଁ, ଯୋଗ୍ୟତା ଥିବା ବୈଷୟିକ ପରାମର୍ଶ ସଂସ୍ଥାମାନଙ୍କ ଜରିଆରେ ମଧ୍ୟ ଏହି କାର୍ଯ୍ୟ କରାଯାଉଛି । ନିକଟ ଅତୀତରେ କେ.ବି.କେ (KBK) ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ ହେଉଥିବା 15ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ମୂଲ୍ୟାୟନ ବୈଷୟିକ ପରାମର୍ଶ ସଂସ୍ଥାମାନଙ୍କଦ୍ୱାରା କରାଯାଇଥିଲା ।

## 12. ଯୋଜନାର ବିକେନ୍ଦ୍ରୀକରଣ

12.1 ସମ୍ବିଧାନର ୭୩ ଓ ୭୪ ତମ ସଂଶୋଧନ ଅନୁଯାୟୀ ଓଡିଶା ସରକାର ରାଜ୍ୟରେ ଯୋଜନା ପ୍ରକ୍ରିୟାର ସଫଳ ବିକେନ୍ଦ୍ରୀକରଣ ନିମନ୍ତେ ସମ୍ପୂର୍ଣ୍ଣ ଅଙ୍ଗୀକାରବଦ୍ଧ ଅଟନ୍ତି । ଜିଲ୍ଲା ସ୍ତରରେ ବିକେନ୍ଦ୍ରୀକରଣ ଯୋଜନାର ସଫଳ ରୂପାୟନ ନିମନ୍ତେ "ଓଡିଶା ଜିଲ୍ଲା ଯୋଜନା କମିଟି ଅଧିନିୟମ (Act) ,୧୯୯୮" ଓ "ଓଡିଶା ଜିଲ୍ଲା ଯୋଜନା କମିଟି ନିୟମ (Rule), ୨୦୦୦" ପ୍ରଣୟନ କରାଯାଇଛି । ଉପରୋକ୍ତ

ଅଧିନିୟମ ଓ ନିୟମ ବଳରେ ଜିଲ୍ଲାର ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାମାନଙ୍କର ସଠିକ୍ ପ୍ରତିନିଧିତ୍ୱ ସହ ସମସ୍ତ ୩୦ ଗୋଟି ଜିଲ୍ଲାରେ ଜିଲ୍ଲା ଯୋଜନା କମିଟିମାନ ଗଠନ କରାଯାଇଅଛି । ଜିଲ୍ଲା ଯୋଜନା କମିଟିଗୁଡିକର ନିୟମିତ ବୈଠକ ଆହୂତ ପୂର୍ବକ ଜିଲ୍ଲାର ବାର୍ଷିକ ଓ ପଞ୍ଚବାର୍ଷିକ ଉନ୍ନୟନ ଯୋଜନା ଚିଠା ପ୍ରସ୍ତୁତ କରିବା, ବିଭିନ୍ନ ଯୋଜନାର ସମୀକ୍ଷା ଓ ଜିଲ୍ଲା ଯୋଜନା କମିଟି ଉପରେ ନ୍ୟସ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡିକ ସଂପାଦନ ନିମନ୍ତେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଯୋଜନା କମିଟିର ସଭ୍ୟ ସଂପାଦକମାନଙ୍କୁ ବିଭିନ୍ନ ସମୟରେ ଉପଯୁକ୍ତ ଅନୁଦେଶ ପ୍ରଦାନ କରାଯାଇଛି ।

12.2 ଇତି ମଧ୍ୟରେ ରାଜ୍ୟ ସରକାର ଜିଲ୍ଲାମାନଙ୍କୁ ଭିଜନ-2020, ଜିଲ୍ଲା ପଞ୍ଚବାର୍ଷିକ ଯୋଜନା ଓ ସାମଗ୍ରିକ ଜିଲ୍ଲା ଯୋଜନା ପ୍ରସ୍ତୁତି ନିମନ୍ତେ ଉପଯୁକ୍ତ ଦିଗଦର୍ଶନବଳୀ ଓ ଫର୍ମମାନ ପ୍ରେରଣ କରିଅଛନ୍ତି । 2008-09 ବର୍ଷରେ ସମସ୍ତ ଜିଲ୍ଲା ସେମାନଙ୍କର ସାମଗ୍ରିକ ଯୋଜନା ପ୍ରସ୍ତୁତ କରିସାରିଛନ୍ତି । ଏହା ଛଡା ସରକାର 2009-10 ବର୍ଷ ପାଇଁ ସାମଗ୍ରିକ ଜିଲ୍ଲା ଯୋଜନା ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ।

## 13. ବିଂଶସୂତ୍ରୀ କାର୍ଯ୍ୟକ୍ରମ

13.1 ରାଜ୍ୟ ସରକାର ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଯଥେଷ୍ଟ ଗୁରୁତ୍ୱାରୋପ କରୁଛନ୍ତି । 2006 ମସିହାରେ ସଂଶୋଧିତ ଏହି କାର୍ଯ୍ୟକ୍ରମ ଦରିଦ୍ର ଜନସାଧାରଣଙ୍କର ଜୀବନର ମାନଦଣ୍ଡ ବିକାଶ, ଶିକ୍ଷା, ବାସଗୃହ, ସ୍ୱାସ୍ଥ୍ୟ,କୃଷି, ଜଳସେଚନ, ପାନୀୟ ଜଳଯୋଗାଣ, ଗ୍ରାମ୍ୟରାସ୍ତା ବ୍ୟବସ୍ଥାର ଉନ୍ନତିକରଣ, ଖାଦ୍ୟ, ଖାଉଟି ଏବଂ ପରିବେଶ ସୁରକ୍ଷା ଏବଂ ଶିଶୁ ଶ୍ରମିକ,ଇ- ଶାସନ, ଅର୍ଥନୈତିକ ଓ ଆୟରେ ଥିବା ଅସଙ୍ଗତି ଦୂରୀକରଣ ଉପରେ ଅଧିକ ଜୋର ଦେଇଥାଏ । ଅଧିକାଂଶ କାର୍ଯ୍ୟପାଇଁ ଥିବା ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ସହ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ଏହାର ନିୟମିତ ଏବଂ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥାନ୍ତି । ଏହା ଛଡା ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଏହାର 21ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରତିମାସରେ ସମୀକ୍ଷା କରିଥାନ୍ତି ।

13.2 ଭାରତ ସରକାରଙ୍କ ନିକଟକୁ ପଠାଯାଇଥିବା ନଭେମ୍ବର ମାସର ଅଗ୍ରଗତି ରିପୋର୍ଟ ଅନୁଯାୟୀ, ଏପ୍ରିଲ୍‌ରୁ ନଭେମ୍ବର 2008 ମଧ୍ୟରେ (i) ICDS) ବ୍ଲକ୍ କାର୍ଯ୍ୟକାରିଣୀ (ii) ଅଙ୍ଗନୱାଡି କାର୍ଯ୍ୟକାରିଣୀ (iii) ଜଙ୍ଗଲ ଓ ସରକାରୀ ଜମିରେ ବୃକ୍ଷରୋପଣ କ୍ଷେତ୍ର (iv) ଜଙ୍ଗଲ ଓ ସରକାରୀ ଜମିରେ ଚାରା ରୋପଣ (v) ଅନ୍ତୋଦୟ ଅନ୍ନ ଯୋଜନାରେ ଖାଦ୍ୟ ଶସ୍ୟ ଉଠାଣ (vi) ଲକ୍ଷ୍ୟଯୁକ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟଶସ୍ୟ ଉଠାଣ ଏବଂ (vii) ପମ୍ପସେଟ୍ ବିଦ୍ୟୁତିକରଣ କ୍ଷେତ୍ରରେ ରାଜ୍ୟର ସଫଳତା "ସର୍ବୋତ୍ତମ" (ଲକ୍ଷ୍ୟର ଶତକଡା 90 ବା ତଦୁର୍ଦ୍ଧ ସଫଳତା) ହୋଇଅଛି ।

## 14. ବହିଃଅନୁଦାନ ପ୍ରାପ୍ତ ପ୍ରକଳ୍ପ

14.1 ରାଜ୍ୟ ସରକାର ନିଜର ଆର୍ଥିକ ସମ୍ବଳ ବୃଦ୍ଧି କରିବା ନିମିତ୍ତ ବିଭିନ୍ନ ବାହ୍ୟ ତଥା ଆନ୍ତର୍ଜାତିକ ସାହାଯ୍ୟକାରୀ ସଂସ୍ଥା ମାନଙ୍କଠାରୁ ଆର୍ଥିକ ସାହାଯ୍ୟ ଆବଶ୍ୟକ କରିଥାନ୍ତି । 2008-09 ଆର୍ଥିକ ବର୍ଷରେ 762.86 କୋଟି ଟଙ୍କା ଆର୍ଥିକ ବ୍ୟବସ୍ଥା ସହ 27ଟି ଅନୁଦାନ ପ୍ରକଳ୍ପ ବିଭିନ୍ନ ବିଭାଗଦ୍ୱାରା କାର୍ଯ୍ୟକାରୀ ହେବାକୁ ଅଛି । ଏ ବାବଦ ଅକ୍ଟୋବର ଶେଷ ସୁଦ୍ଧା 112.34 କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସାହାଯ୍ୟ ମିଳିଛି ।

14.2 ଏହି ପ୍ରକଳ୍ପଗୁଡିକର ସମୟୋଚିତ କାର୍ଯ୍ୟରୂପାୟନ ତଥା ଆନ୍ତର୍ବିଭାଗୀୟ ସମସ୍ୟା ଗୁଡିକର ସମାଧାନ କରିବା ନିମନ୍ତେ ଉନ୍ନତମାନର ପର୍ଯ୍ୟାଲେଚନା କରାଯାଇଛି । ଏତଦ୍‌ବ୍ୟତୀତ ନୂତନ ପ୍ରକଳ୍ପ ଗୁଡିକ ରାଜ୍ୟସ୍ତରୀୟ ପ୍ରକଳ୍ପ ତଦାରଖ କମିଟି ବୈଠକରେ ଅନୁମୋଦିତ ହୋଇ ଭାରତ ସରକାରଙ୍କ ଅନୁମୋଦନ ନିମିତ୍ତ ପ୍ରେରିତ ହେଉଅଛି ।

## 15. ପଶ୍ଚିମ ଓଡିଶା ବିକାଶ ପରିଷଦ

15.1 ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରାଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦର ପରିସର ୧୦ଟି ଜିଲ୍ଲା ଯଥା- ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ନୂଆପଡା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ ଏବଂ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡ ଅଟେ ।

15.2 ରାଜ୍ୟ ସରକାର 2008-09 ପର୍ଯ୍ୟନ୍ତ ଏହି ବିକାଶ ପରିଷଦକୁ ପ୍ରତିବର୍ଷ ୫୦.୦୦ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଆସୁଥିଲେ । ଚଳିତ ୨୦୦୮-୦୯ ଆର୍ଥିକ ବର୍ଷରେ ବଜେଟ୍‌ରେ ଏ ବାବଦ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏପର୍ଯ୍ୟନ୍ତ ପରିଷଦକୁ ଏଥିରୁ ୮୦.୦୦ କୋଟି ଟଙ୍କା ଅନୁଦାନ ଦିଆଯାଇ ସାରିଛି ଦ୍ୱିତୀୟ କିସ୍ତି ଅନୁଦାନ ହିସାବରେ ୨୦.୦୦ କୋଟି ଟଙ୍କା ଖୁବ୍ ଶୀଘ୍ର ମଞ୍ଜୁରୀ ଦିଆଯିବ ।

15.3 ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନରୁ ପରିଷଦଭୁକ୍ତ ଅଞ୍ଚଳର ବିକାଶ ନିମନ୍ତେ ପଶ୍ଚିମ ଓଡିଶା ବିକାଶ ବିଭିନ୍ନ ପ୍ରକଳ୍ପ ଯଥା- ଗମନାଗମନ ଓ ଯୋଗାଯୋଗ, କୃଷି ଭିତ୍ତିକ ଉନ୍ନତି, କ୍ଷୁଦ୍ର ଜଳସେଚନ, ଚେକ୍ ଡ୍ୟାମ୍ ନିର୍ମାଣ, ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ, ପାଇପ ଜଳ ଯୋଗାଣ ପ୍ରକଳ୍ପ, ନଳକୂପ ଖନନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କ ଭିତ୍ତିଭୂମି ବିକାଶ ସ୍ୱାସ୍ଥ୍ୟ ସେବା, ଗ୍ରାମ୍ୟ ବିଦ୍ୟୁତକରଣ ଇତ୍ୟାଦି କାର୍ଯ୍ୟାକାରୀ କରୁଛନ୍ତି ।

15.4 ବିଗତ ୨୦୦୧-୦୨ ରୁ ୨୦୦୭-୦୮ ପର୍ଯ୍ୟନ୍ତ ପରିଷଦ ୭୦୫୧ଟି ପ୍ରକଳ୍ପ ନିମନ୍ତେ ୩୯୧.୯୬ କୋଟି ଟଙ୍କା ବ୍ୟୟ ଅଟକଳ ପ୍ରଶାସନିକ ମଞ୍ଜୁରୀ ଦେଇ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କୁ ୩୭୯.୮୬ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଚଳିତ ୨୦୦୮-୦୯ ବର୍ଷରେ (ଡିସେମ୍ବର ୩୧, ୨୦୦୮ ପର୍ଯ୍ୟନ୍ତ) ପରିଷଦ ୭୮୪ଟି ନୂତନ ପ୍ରକଳ୍ପ ନିମନ୍ତେ ୨୭.୨୮ କୋଟି ଟଙ୍କା ବ୍ୟୟ ଅଟକଳର ପ୍ରଶାସନିକ ମଞ୍ଜୁରୀ ଦେଇ ମୋଟ ୧୯.୨୯ କୋଟି ଟଙ୍କା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ମାନଙ୍କୁ ପ୍ରଦାନ କରିଛନ୍ତି । ପରିଷଦ ବର୍ତ୍ତମାନ ସୁଦ୍ଧା ମୋଟ ୭୮୩୫ ଗୋଟି ପ୍ରକଳ୍ପ ପାଇଁ ୪୧୯.୨୪ କୋଟି ଟଙ୍କା ପ୍ରଶାସନିକ ମଞ୍ଜୁରୀ ଦେଇଛନ୍ତି ଓ ତନ୍ମଧ୍ୟରୁ ୫୬୧୪ଗୋଟି ପ୍ରକଳ୍ପ ଅଦ୍ୟାବଧି ସଂପୂର୍ଣ୍ଣ ହୋଇଅଛି ।

15.5 ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରେ ୨୦୦୮-୦୯ ବର୍ଷ ୧୧୫ଟି ରାସ୍ତାର ଉନ୍ନତି, କ୍ଷୁଦ୍ର ପୋଲ ଓ କଲଭର୍ଟ ନିର୍ମାଣ ସଂପୂର୍ଣ୍ଣ ହୋଇଛି । ଜଳସେଚନ କ୍ଷେତ୍ରରେ କ୍ଷୁଦ୍ର ଜଳସେଚନର ନବୀକରଣ, ନୂତନ ଚେକ୍ ଡ୍ୟାମ୍ ନିର୍ମାଣ ଓ ନୂତନ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇ ଅତିରିକ୍ତ ୧୭୬୦ ଏକର ଆୟାକଟ୍ ସୃଷ୍ଟି କରାଯାଇଛି । ଏହି ବର୍ଷ ୯୦ ଗୋଟି ଗ୍ରାମକୁ ବିଦ୍ୟୁତକରଣ, ୧୯୭ଗୋଟି ସ୍କୁଲ ଓ କଲେଜ ପାଇଁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଏବଂ ୧୩୭ଟି ନଳକୂପ ଓ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି । ତତ୍ ସହିତ ପଶ୍ଚିମ ଓଡିଶାର ୨୫ଗୋଟି ଯୁକ୍ତ ୨ ବିଜ୍ଞାନ କଲେଜ ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ବର୍ଗ ଛାତ୍ର ଛାତ୍ରୀଙ୍କ ପାଇଁ ସତନ୍ତର କୋଚିଙ୍ଗି ବ୍ୟବସ୍ଥା କରାଯାଇଛି । ଏହି ବର୍ଷ ଚିପିଲିମା ଠାରେ ଏକ ଉଦ୍ୟାନ କୃଷି ଡିଗ୍ରୀ କଲେଜ ସ୍ଥାପିତ ହୋଇ ୨୪ ଜଣ ଛାତ୍ର ଛାତ୍ରୀଙ୍କୁ ଗ୍ରହଣ କରାକଯାଇଛି । ଉକ୍ତ ୨୪ ଜଣଙ୍କ ମଧ୍ୟରୁ ୧୯ ଜଣ ଛାତ୍ରୀ ନାମ ଲେଖାଇଛନ୍ତି । ସରକାରଙ୍କ ମଞ୍ଜୁରୀ କ୍ରମେ ଅତିଶିଘ୍ର ୨ଗୋଟି ଆଗ୍ରୋପଲିଟେକନିକ ଅନୁଷ୍ଠାନ ଦେବଗଡ ଓ ବୌଦ୍ଧ ଠାରେ ଆରମ୍ଭ ହେବାକୁ ଯାଉଛି ।

15.6 ପଶ୍ଚିମ ଓଡିଶା ବିକାଶ ପରିଷଦ ସହାୟତାରେ କଳାହାଣ୍ଡି ଜିଲ୍ଲାର ଜାରିଙ୍ଗି ଠାରେ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଆଗେଇଚାଲିଛି । ରାଉରକେଲାରେ ମେଡିକାଲ କଲେଜ ନିର୍ମାଣ ପାଇଁ ମେସର୍ସ ବିଜ୍ଞାନ ଭାରତୀ ଦାତବ୍ୟ ଅନୁଷ୍ଠାନ ସହିତ ବୁଝାମଣା ପତ୍ର ସାକ୍ଷରିତ ହୋଇଛି । ଏହି ଅନୁଷ୍ଠାନ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବ । ଏତଦ୍ ବ୍ୟତିତ ବଲାଙ୍ଗୀର ଠାରେ ମେଡିକାଲ କଲେଜ ନିର୍ମାଣ ପାଇଁ ହସ୍ତଗତ ହୋଇଥିବା ନୂତନ ପ୍ରସ୍ତାବର ସମୀକ୍ଷା କରାଯାଉଅଛି ।

## 16. ରାଜ୍ୟ ଯୋଜନା ବୋର୍ଡ

16.1 ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ପଞ୍ଚବାର୍ଷିକ ଏବଂ ବାର୍ଷିକ ଯୋଜନା ପ୍ରସ୍ତୁତକରିବା ପାଇଁ ଆବଶ୍ୟକୀୟ ପାଇଁ ଦିଗ୍‌ଦର୍ଶନ (ଉଭୟ ସ୍ୱଳ୍ପ ଏବଂ ଦୀର୍ଘ ମିଆଦି) ଦେବା ପାଇଁ,ରାଜ୍ୟ ସରକାର 16 ଜଣ ସରକାରୀ ଏବଂ ବେସରକାରୀ ସଭ୍ୟ ଏବଂ ଅଧ୍ୟକ୍ଷ ତଥା ସଭ୍ୟ-ସମ୍ପାଦକଙ୍କୁ ନେଇ ରାଜ୍ୟ ଯୋଜନା

ବୋର୍ଡ ଗଠନ କରିଛନ୍ତି । ଇତିମଧ୍ୟରେ ଶ୍ରୀ ଜଗଦାନନ୍ଦ ବୋର୍ଡରୁ ଇସ୍ତଫା ଦେଇଛନ୍ତି ଏବଂ ମାନ୍ୟବର ଶ୍ରୀ ସନାତନ ବିସି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଛନ୍ତି ।

16.2 ରାଜ୍ୟ ଯୋଜନା ବୋର୍ଡର ପ୍ରଥମ ବୈଠକ 15.10.2007 ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହାର ବିବରଣୀ ସମସ୍ତ ସମ୍ପର୍କିତ ଅଧିକାରୀମାନଙ୍କ ପାଖକୁ ପଠାଯାଇଛି ।

16.3 ଇତିମଧ୍ୟରେ, ମାନ୍ୟବର ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଯୋଜନା ବୋର୍ଡର ନିମ୍ନଲିଖିତ ତିନୋଟି ଉପ-କମିଟି ଗଠନ କରାଯାଇଛି ।

୧. କୃଷି ଏବଂ ଅନୁସଙ୍ଗିକ କ୍ଷେତ୍ର ଉପକମିଟି ।
୨. ସାମାଜିକ କ୍ଷେତ୍ର ଉପକମିଟି
୩. ଭିତ୍ତିଭୂମି ଏବଂ ଶିଳ୍ପ କ୍ଷେତ୍ର ଉପକମିଟି ।

16.4 ଭିତ୍ତିଭୂମି ଏବଂ ଶିଳ୍ପ ଉପକମିଟି, ସାମାଜିକ କ୍ଷେତ୍ର ଉପକମିଟି ଏବଂ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଉପକମିଟିମାନଙ୍କର ବୈଠକ ଯଥାକ୍ରମେ 30.7.08, 31.7.08 ଏବଂ 2.10.08 ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକଗୁଡିକର ବିବରଣୀ ସରକାରଙ୍କ ଅନୁମୋଦନ ପାଇଁ ଉପସ୍ଥାପିତ କରାଯାଇଛି ।

## 17. ସରକାର ବେସରକାର ଭାଗୀଦାରି (PPP)

17.1 ରାଜ୍ୟରେ ଉଚ୍ଚଗୁଣବତ୍ତାର ଭୌତିକ ଏବଂ ସାମାଜିକ ଭିତ୍ତିଭୂମି ବିକାଶରେ ବେସରକାରୀ ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଓଡିଶା ସରକାର ସ୍ୱକାର କରିନ୍ତି । ରାଜ୍ୟରେ ଭି଼ତିଭୂମିର ବିକାଶ କ୍ଷେତ୍ରରେ ବେସରକାରୀ ଉଦ୍ୟମକୁ ପ୍ରୋତ୍ସାହନ ଦେବା ପାଇଁ ସରକାର "ସରକାର-ବେସରକାର ଭାଗୀଦାରି **(PPP)"** ନୀତି ଜାରୀକରିଛନ୍ତି ।

17.2 ରାଜ୍ୟରେ PPP କାର୍ଯ୍ୟକ୍ରମରେ ସମନ୍ୱୟ ଆଣିବା ପାଇଁ ଯୋଜନା ଓ ସମନ୍ୱୟ ବିଭାଗରେ ଜଣେ ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧିନରେ ପି.ପି.ପି. ପ୍ରକୋଷ୍ଠ (PPP Cell) ଗଠନ କରାଯାଇଅଛି । "ଓଡିଶା ପି.ପି.ପି. ବୈଷୟିକ ସୋସାଇଟି" ନାମରେ ଏକ ସୋସାଇଟି ଗଠନ କରାଯାଇ ଏହାର ରେଜିଷ୍ଟ୍ରିକରଣ କରାଯାଇଛି । ଓଡିଶା ପି.ପି.ପି.-2007 ପଲିସି ଅନୁଯାୟୀ ଏହି ସୋସାଇଟି ପି.ପି.ପି. ପ୍ରକୋଷ୍ଠକୁ ସହାୟତା କରିବା ସଙ୍ଗେ ସଙ୍ଗେ ଏକ ବୈଷୟିକ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବ । ମାନ୍ୟବର ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ଏହାର ସଭାପତି, ମୁଖ୍ୟ ଶାସନ ସଚିବ, ଉପସଭାପତି ଏବଂ ପି.ପି.ପି. ସଚିବ ଏହାର ସଭାପତି, ମୁଖ୍ୟ ଶାସନ ସଚିବ, ଉପସଭାପତି ଏବଂ ପି.ପି.ପି. ସଚିବ ଏହାର ପରିଚାଳନା ନିର୍ଦ୍ଦେଶକ ଓ ସଭ୍ୟ ସଂପାଦକ ଅଛନ୍ତି । ଏହା ଛଡା ପ୍ରତ୍ୟେକ ବିଭାଗରେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ

ତତ୍ୱାବଧାନରେ ପି.ପି.ପି. ପ୍ରକୋଷ୍ଠ ଗଠନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଏହି ପ୍ରକୋଷ୍ଠ ବିଭାଗୀୟ ପି.ପି.ପି. ପ୍ରକଳ୍ପ ଗୁଡିକର କାର୍ଯ୍ୟାକଳାପ ତଦାରଖ କରିବା ସଙ୍ଗେ ସଙ୍ଗେ ରାଜ୍ୟ ପି.ପି.ପି. ପ୍ରକୋଷ୍ଠ ସାଙ୍ଗରେ ସମନ୍ୱୟ ରକ୍ଷା କରିବ ।

17.3 ପି.ପି.ପି. ପ୍ରକୋଷ୍ଠ ବିଭିନ୍ନ ବିଭାଗ ତଥା IL&FS, E & Y, PWC ଭଳି ବୈଷୟିକ ସଂସ୍ଥାମାନଙ୍କର ସହାୟତାରେ 67ଟି ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିରଖିଛନ୍ତି । ଆହୁରି ଅନେକ ପ୍ରକଳ୍ପ ଚିହ୍ନଟ, ଏବଂ ସେସମ୍ବନ୍ଧରେ ଧାରଣା ସୃଷ୍ଟି କରାଯାଇଛି । ପି.ପି.ପି. ପ୍ରକୋଷ୍ଠର କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମିତ୍ତ ବୈଷୟିକ ସହାୟତା ପାଇବାପାଇଁ ଓଡିଶା ସରକାର ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର ବିଭାଗ ସହିତ ଏକ ବୁଝାମଣା ପତ୍ର (MoU)ସାକ୍ଷର କରିଛନ୍ତି ।